

## ଲକ୍ଷ୍ମୀ ବସ୍ ରୁଟ୍ ତାଲିକା

| ବ୍ଲକ | ବସରୁଟ ନଂ | ଆରମ୍ଭ ଓ ଗନ୍ତବ୍ୟସ୍ଥଳ |
|---|---|---|
| ବଲାଙ୍ଗିର | ବିଜି ୦୦୧ | ମୁଖ୍ୟାଳୟ(ବିଏଚ୍‌କ୍ୟୁ)-ବରକାନି-ଶିକାଛିଡା-ସାହାଜବାହାଲ-ବିଡିଘାଟ-ବିଏଚ୍‌କ୍ୟୁ |
| | ବିଜି ୦୦୨ | ବିଏଚକ୍ୟୁ-କୁଟୁମଡୋଲା-ଚୁଡାପାଲି-ମାୟାବର୍ହା |
| | ବିଜି ୦୦୩ | ବିଏଚକ୍ୟୁ-ମିର୍ଦ୍ଧାପାଲି-ଖଲିଆପାଲି-ମନହୀରା |
| ଆଗଲପୁର | ବିଜି ୦୦୪ | ଆଗଲପୁର-ଘୁଚେପାଲି-ନଅଗାଁ(କ), ଆଗଲପୁର-ବାଗଝୋଲା-ରିନବଚନ |
| | ବିଜି ୦୦୫ | ଆଗଲପୁର-ଝରଣୀପାଲି-ନଅଗାଁ(ଖ)-ପଟୁଆପାଲି |
| | ବିଜି ୦୦୬ | ଆଗଲପୁର-ଡୁଡୁକା-ସାଲେଭଟା-କୁଟାସିଂହା |
| ବଙ୍ଗୋମୁଣ୍ଡା | ବିଜି ୦୦୭ | ବଙ୍ଗୋମୁଣ୍ଡା-ଯୁରାବନ୍ଧ, ବଙ୍ଗୋମୁଣ୍ଡା-ବିରିପାଲି |
| | ବିଜି ୦୦୮ | ବଙ୍ଗୋମୁଣ୍ଡା-ଭୁଷଲାଡ-ଚନ୍ଦୋତରା-ଯାମଖୁଣ୍ଟା |
| | ବିଜି ୦୦୯ | ବଙ୍ଗୋମୁଣ୍ଡା-ମୁଣ୍ଡପଦର-ଠେମରା-ଅର୍ଶାତୁଳା |
| ବେଲପଡ଼ା | ବିଜି ୦୧୦ | ବେଲପଡ଼ା-ମଧ୍ୟପୁର, ବେଲପଡ଼ା-ଯୁବା |
| | ବିଜି ୦୧୧ | ବେଲପଡ଼ା-ସଲଣ୍ଡି, ବେଲପଡ଼ା-ସୁଲେକେଲା |
| | ବିଜି ୦୧୨ | ବେଲପଡ଼ା-ବେହେରାମୁଣ୍ଡା-ଦର୍ଲିପାଲି |
| ଦେଓଗାଁ | ବିଜି ୦୧୩ | ଦେଓଗାଁ-ଉପରଝରି-ମହଲେଇ-ଉପରଝରି-ଡୁମେରପିଟା |
| | ବିଜି ୦୧୪ | ଦେଓଗାଁ-ସାଲେପାଲି-କୁଲତାପଡ଼ା-ମୁକୁନ୍ଦପୁର |
| | ବିଜି ୦୧୫ | ଦେଓଗାଁ-ଧଣ୍ଡାମାଲ-ରାମଚନ୍ଦ୍ରପୁର |
| ଗୁଡଭେଲା | ବିଜି ୦୧୬ | ଗୁଡଭେଲା-ତୁଷୁରା-ବଡଙ୍ଗୋମୁଣ୍ଡା |
| | ବିଜି ୦୧୭ | ଗୁଡଭେଲା-ତେନ୍ତୁଲିଖୁଣ୍ଟି/ଡାହିମାଲ-ତୁଷୁରା-ଚିଞ୍ଚେଡ |
| | ବିଜି ୦୧୮ | ଗୁଡଭେଲା-ବିରମୁଣ୍ଡା-ଗମ୍ଭାରୀଗୁଡା |
| ଖପ୍ରାଖୋଲ | ବିଜି ୦୧୯ | ଖପ୍ରାଖୋଲ-ପଡ଼ିଆବାହାଲ-ଚଙ୍ଗରିଆ |
| | ବିଜି ୦୨୦ | ଖପ୍ରାଖୋଲ-ମହରାପଦର-ମାଟିଆଭଟା |
| | ବିଜି ୦୨୧ | ଖପ୍ରାଖୋଲ-ଲାଠୋର-ଟଙ୍କପାଣି-ରେଙ୍ଗାଲି |
| ଲୋଇସିଂହା | ବିଜି ୦୨୨ | ଲୋଇସିଂହା-ବୁଢୀପଦର-ଯୋଗୀସର୍ଡା-ବାଦିବାହାଲ, ଲୋଇସିଂହା-ହୀରାପୁର |
| | ବିଜି ୦୨୩ | ଲୋଇସିଂହା-ତଲିଉଡାର-ବାନିପାଲି |
| | ବିଜି ୦୨୪ | ଲୋଇସିଂହା-ଫାସଡ-କୁଶମେଲ-ରେଙ୍ଗାଲି |
| ମୁରିବାହାଲ | ବିଜି ୦୨୫ | ମୁରିବାହାଲ-ଗଁରେଇ-ବଙ୍କେଲ |
| | ବିଜି ୦୨୬ | ମୁରିବାହାଲ-ଗୋଡିଘାଟ-ବଡସାଇମରା-ଗୁଡିଘାଟ- ଚଲକି |
| | ବିଜି ୦୨୭ | ମୁରିବାହାଲ-ହଲଦୀ-ମାଲିସିରା |
| ପାଟଣାଗଡ଼ | ବିଜି ୦୨୮ | ପାଟଣାଗଡ଼-ବନେଇମୁଣ୍ଡା-ସୁନାମୁଦି-ଧୁବଲପଡ଼ା |
| | ବିଜି ୦୨୯ | ପାଟଣାଗଡ଼-ତମିଆ-ଖୁଣ୍ଟସମଲେଇ |
| | ବିଜି ୦୩୦ | ପାଟଣାଗଡ଼-ସୋଲବନ୍ଧ-ପାଟଣାଗଡ଼-ମୁଣ୍ଡୋମହୁଲ |
| ପୁଇଁନ୍ତଲା | ବିଜି ୦୩୧ | ପୁଇଁନ୍ତଲା-ଦୁର୍ଗାପାଲି-ଜାମଗାଁ-ବହଲପଦର |
| | ବିଜି ୦୩୨ | ପୁଇଁନ୍ତଲା-ଆଟଗାଁ-ଛତାପିପଲ-ଖଲିଆପାଲି |
| | ବିଜି ୦୩୩ | ପୁଇଁନ୍ତଲା-ବଇରାସର-ପୁଇଁନ୍ତଲା-ଅଏଁଲାସାରି |
| ସଇଁନ୍ତଲା | ବିଜି ୦୩୪ | ସଇଁନ୍ତଲା-କରମତଲା-ଯୁରାବନ୍ଧ |
| | ବିଜି ୦୩୫ | ସଇଁନ୍ତଲା-ଧରପଗଡ଼-ସଇଁନ୍ତଲା-ବେଲଗାଁ |
| | ବିଜି ୦୩୬ | ସଇଁନ୍ତଲା-ବୁଢାବାହାଲ-ଡୁଙ୍ଗୁରିପାଲି |
| ଟିଟିଲାଗଡ଼ | ବିଜି ୦୩୭ | ଟିଟିଲାଗଡ଼-ଖୁଲାନ-ଅଦାବାହାଲ |
| | ବିଜି ୦୩୮ | ଟିଟିଲାଗଡ଼-ବିନେକେଲା-କୁରସୁଡ |
| | ବିଜି ୦୩୯ | ଟିଟିଲାଗଡ଼-ବିଜେପୁର-ଟିଟିଲାଗଡ଼-ମହୁଲପଡ଼ା |
| ତୁରେକେଲା | ବିଜି ୦୪୦ | ତୁରେକେଲା-ଢୋଲମାନ୍ଦଲ-ହଲନଭଟା |
| | ବିଜି ୦୪୧ | ତୁରେକେଲା-ଖଗସା-ଚଟୁଅନକା |
| | ବିଜି ୦୪୨ | ତୁରେକାଲା-ବଡବାଙ୍କି-ତୁରେକେଲା-କମେଇମୁଣ୍ଡା |

ଜ୍ଞାନର ଗନ୍ତାଘର ଜିଲ୍ଲା ପାଠାଗାର

# ରୂପାନ୍ତରଣ ସ୍ପର୍ଶରେ ନୂଆ ରୂପରେଖ

ବଲାଙ୍ଗିର, ୧୩।୨(ସମିସ)

ସହର ତଥା ସହରରେ ରହି ପାଠ ପଢୁଥିବା ଗ୍ରାମାଞ୍ଚଳର ପିଲାଙ୍କ ପାଇଁ ଜ୍ଞାନର ପ୍ରାଣକେନ୍ଦ୍ର ହେଉଛି ବଲାଙ୍ଗିର ଜିଲ୍ଲା ପାଠାଗାର। କୋଶଳ କଳାମଣ୍ଡଳ ଜିଲ୍ଲା ପାଠାଗାର ପ୍ରଥମେ ରାଧାରାଣୀ ପଡ଼ା ଭଡାଘରେ ଚାଲିଥିଲା। ସେଠାରୁ କୋଶଳ କଳାମଣ୍ଡଳ ପଡ଼ିଆରେ ପାଠାଗାରର ନିଜସ୍ୱ କୋଠା ନିର୍ମାଣ କରାଯାଇ ସ୍ଥାନାନ୍ତରିତ କରାଯାଇଥିଲା। ୨୦୨୨ ପର୍ଯ୍ୟନ୍ତ ସେହି ପୁରୁଣା କୋଠାରେ ପାଠପଢ଼ା ଚାଲିଥିଲା। ପାଠାଗାରରେ ବର୍ତ୍ତମାନ ସଂସ୍କୃତି ଭବନ ଦୁଇ ମହଲା ବିଶିଷ୍ଟ ରହିଛି। ତଳେ ପାଠାଗାର ଚାଲିଥିବାବେଳେ ଉପରେ ସଂସ୍କୃତି କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ଜିଲା ପାଠାଗାରରେ ବର୍ତ୍ତମାନ ୨୭ ହଜାରରୁ ଊର୍ଦ୍ଧ୍ୱ ବହି ରହିଛି। ପୁରାଣ, କବିତା, ଉପନ୍ୟାସ, ବ୍ୟତୀତ ଅନ୍ୟ ପୁସ୍ତକ ପ୍ରେମୀମାନେ ଏଠାକୁ ଆସି ଶାନ୍ତିରେ ପଢ଼ିପାରୁଛନ୍ତି। ପାଠାଗାରକୁ ଆସୁଥିବା ଛାତ୍ରଛାତ୍ରୀ ତଥା ପାଠକଙ୍କ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ୱାସରୁମ୍, ଶୌଚାଳୟ, ପାନୀୟଜଳ, ସାଇକଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ ଓ ଫ୍ରି ୱାଇଫାଇ ବ୍ୟବସ୍ଥା





ପଡ଼ିଆ କାହିଁ କେଉଁ ଦିନରୁ ଦଣ୍ଡାୟମାନ ହୋଇଛି। ଏଠାରେ ପାଠ ପଢ଼ି କେତେଯେ ପିଲା ମଣିଷ ହୋଇଛନ୍ତି। ହେଲେ ସେ ସମୟରେ କେଉଁ ଅବସ୍ଥାରେ ସେମାନେ ପାଠ ପଢୁଥିଲେ ତାହା ସେମାନଙ୍କୁ ଜଣା. ଆଜି ସେଦିନ ନାହିଁ। ବଦଳିଛି ଜିଲ୍ଲା ପାଠାଗାରର ଚିତ୍ର। କେବଳ ପାଠପଢ଼ା ନୁହେଁ ଅଞ୍ଚଳର ସଂସ୍କୃତି, ପରମ୍ପରାର ଉନ୍ନତି ସକାଶେ ମାନସ ମନ୍ଥନ କରିବାକୁ ସୁଯୋଗ ଆଣିଦେଇଛି ଜିଲ୍ଲା ସଂସ୍କୃତି ଭବନ। ଥିବା ବହିଗୁଡିକ ପୁରୁଣା ହେବା ସହିତ ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ନଥିଲା। ତେବେ ୨୦୨୨ରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଓ ପାଠାଗାରକୁ ମିଶାଇ ସଂସ୍କୃତି ଭବନ ନିର୍ମାଣ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଅନୁଦାନ ପ୍ରଦାନ କରାଯାଇ ଏହାର ରୂପାନ୍ତରଣ କରାଯାଇଥିଲା। ରୂପାନ୍ତରଣର ସ୍ପର୍ଶରେ ଏହାର ରୂପରେଖର କାୟାକଳ୍ପ ମଧ ହୋଇଛି। ଗଳ୍ପ, ଆଲେଚନା ସମାଲୋଚନା, ଚାକିରି ପାଇଁ ପ୍ରସ୍ତୁତି ଭଳି ସମସ୍ତ କ୍ଷେତ୍ରର ବହି ରହିଛି। ପ୍ରତିଦିନ ଓଡିଆ ଓ ଇଂରାଜୀ ଭାଷାର ୬ଟି ଖବରକାଗଜ ଆସୁଛି। ଏହାସହ ମେଗାଜିନ, ନିଯୁକ୍ତି ଖବର ଭଳି ବିଭିନ୍ନ ଉପାଦେୟ କାଗଜ ଆସୁଛି। ଯାହାକି ଗାଁରୁ ସହରକୁ ଆସି ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ଯୁବପିଢିଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଗରିବ ଛାତ୍ରଛାତ୍ରୀମାନେ ନିଜ ପସନ୍ଦର ପାଠ୍ୟପୁସ୍ତକ ପାଇପାରୁଛନ୍ତି। ଛାତ୍ରଛାତ୍ରୀଙ୍କ କରାଯାଇଛି। ଗତ ୨୦୨୩ ଫେବୃଆରୀ ୧୭ ତାରିଖ ତତ୍କାଳୀନ ମନ୍ତ୍ରୀ ରୋହିତ ପୂଜାରୀ ଏହାକୁ ଉଦଘାଟନ କରିଥିଲେ। ରୂପାନ୍ତରଣ ପରେ ପ୍ରତିଦିନ ଏଠାକୁ ୧୫୦ରୁ ଊର୍ଦ୍ଧ୍ୱ ପାଠକ ଆସୁଥିବା ଜଣାପଡ଼ିଛି। ପୁରୁଣା ପାଠକମାନେ ଜିଲ୍ଲା ପାଠାଗାରର ଉତ୍ତରୋତ୍ତର ଉନ୍ନତି ଦେଖି ଖୁସି ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଏହି ପାଠାଗାର ଆହୁରି ସଫଳ ବ୍ୟକ୍ତି ନିର୍ମାଣ କରିବ ବୋଲି ଆଶା ପୋଷଣ କରିଛନ୍ତି।

## ସିସିଏଫ୍‌ଏ ରାଜ୍ୟସ୍ତରୀୟ ଫୁଟ୍‌ବଲ ଉଦ୍‌ଘାଟିତ

**ବଲାଙ୍ଗିର, ୧୩।୨(ସମିସ):** ସିସିଏଫଏ କଲେଜଛକ ବଲାଙ୍ଗିର ଆନୁକୂଲ୍ୟରେ ଦ୍ୱିତୀୟ ସିସିଏଫଏ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସିସିଏଫଏ ସଭାପତି ସୁରେନ୍ଦ୍ର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖେଳରେ ମୁଖ୍ୟଅତିଥି ଭାବେ ପୂର୍ବତନ ବଲାଙ୍ଗିର ସାଂସଦ ତଥା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ତଥା ଫାଓ ଓଡ଼ିଶା ସଭାପତି ଡ. ଶ୍ରୀକର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଦଳ ୨-୧ ଗୋଲରେ ବରଗଡ଼ ୟୁନାଇଟେଡ୍ ଦଳକୁ ହରାଇ ବିଜୟୀ ହୋଇଥିଲେ। ଖେଳକୁ ରେଫରୀ ଭାବରେ ଶଶିକାନ୍ତ ଦାସିଆ (ବୌଦ୍ଧ), ସୁଶାନ୍ତ ନାଗ, ଜଳନ୍ଧର ସାହୁ ଓ ଜିତୁ ଦଳାଇ ପରିଚାଳନା କରିଥିଲେ। ସୁଦୟ ବାରିକ ମ୍ୟାଚ କମିଶନର ଥିଲେ।

### ସମ୍ବଲପୁର ଦଳ ବିଜୟୀ

ଜିଲ୍ଲା କ୍ରୀଡା ସଂସଦର ଯୁଗ୍ମ ସମ୍ପାଦକ ଶତ୍ରୁଘନ ସିଂ, କ୍ରୀଡା ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ, ପ୍ରଦୀପ ମହାରଣା ଓ ଦିଲୀପ ସେଠ ମଞ୍ଚାସୀନ ଥିଲେ। କ୍ଲବର ପୁରାତନ ଖେଳାଳି ମହାବୀର ତାଣ୍ଡି, ନବୀନ ସାଗର, ଉମେଶ ନାଗ ଓ ଅସିମ ପାଲଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କ୍ଲବର ଉପସଭାପତି ଗମନିଏଲ ନାଗ, ସମ୍ପାଦକ ହେମନ୍ତ ବେହେରା, ଯୁଗ୍ମ ସମ୍ପାଦକ ସରଜୁ ନାଗ, ଅଡିଟର ଶୋଭନ କୁମାର ଦାଶ, ପରିଚାଳନା କମିଟି ସଦସ୍ୟ ଶାନ୍ତନୁ ନାଗ, ପୃଥେଶ୍ୱର ନାଗ, ବରିଷ୍ଠ ସଦସ୍ୟ ଶ୍ରୀଧର ସେଠ, ବିରେନ୍ଦ୍ର ସୁନା, ସୁବୋଧ ବାଗ, ପ୍ରଦ୍ୟୁମ୍ନ ନନ୍ଦ, ଜୀବନ ସୁନା, ରାଜକିଶୋର ବାଗ ସହଯୋଗ କରିଥିଲେ। ୧୪ ତାରିଖ ବୁଧବାର ବିଏନଏଏ ଜରାସିଂହା ଓ ସିସିଏଫଏ ବଲାଙ୍ଗିର ଦଳ ମଧ୍ୟରେ ଖେଳ ହେବ।



## କୁତୁର୍ଲାରେ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ




**ଦେଓଗାଁ, ୧୩।୨(ସମିସ):** ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣ ଲୋକଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ପଞ୍ଚାୟତ ଅଧିକାରୀ ଗୋପାଳଚନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ ସରପଞ୍ଚ ତେଜ ହରପାଲ ମୁଖ୍ୟଅତିଥି ଭାବେ ଏହି ନୂତନ ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଡମ୍ବରୁ ହରପାଲ, ୱାର୍ଡସଭ୍ୟ ରିତୁ ବୁଡେକ, କୀର୍ତ୍ତିରାଜ ବାଗ, ପିଙ୍କୁ କୁଅଁର, ନାଏକ ସରପଞ୍ଚ ଯୁଧିଷ୍ଠିର ଚନ୍ଦନ, ଜିଆରଏସ ବୀଣା ପଧାନ, ଜେଇ ଲବଣୀଧର କାଲୋ ସମେତ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ଦାବି

**ବଲାଙ୍ଗିର, ୧୩।୨(ସମିସ):** ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ, ସାଂସ୍କୃତିକ ସଂଘ ବଲାଙ୍ଗିର ତରଫରୁ ପକ୍ଷରୁ ସମସ୍ତ ପ୍ରକାର ପଲିଥିନ୍‌କୁ ପରିବେଶ ସୁରକ୍ଷାର ସମ୍ବେଦନଶୀଳତା ଦୃଷ୍ଟିରୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ଦାବି କରାଯାଇଛି। ସଂଘର ସଭାପତି ରତନ ମହାରଣା, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାହୁ, ପରିଚାଳନା କମିଟି ସଭ୍ୟ ମୋହନ ଗୋପାଳ ପଣ୍ଡା, ସଭ୍ୟ ବୈଷ୍ଣବ ସାହୁ, ଭଗବାନ ବଗର୍ତ୍ତି ପ୍ରମୁଖ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାରଙ୍କୁ ସୌଜନ୍ୟମୂଳକ ସାକ୍ଷାତ ସମୟରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧାଦେଶ ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘ ତରଫରୁ ବହୁବିଧ ସମାଜ ମଙ୍ଗଳ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବଜାର କରିବା ସମୟରେ ଥରେ ମାତ୍ର ବ୍ୟବହାରଯୋଗ୍ୟ ତଥା ବର୍ଜନୀୟ ପଲିଥିନ ଓ ପ୍ଲାଷ୍ଟିକ ମୁନାର ବ୍ୟବହାର ଉପରେ ନିଷେଧାଦେଶ ଥିବାର ଦୃଷ୍ଟି ଆକର୍ଷଣ କରିଥିଲେ। ପରିବେଶ ସୁରକ୍ଷା ଦୃଷ୍ଟିରୁ ଏହି ସାଂଘାତିକ ତଥା ମାରାତ୍ମକ ଦ୍ରବ୍ୟକୁ ବନ୍ଦ କରିବା ଦିଗରେ ନିୟମକୁ କଡାକଡି ପାଳନକୁ ନିଶ୍ଚିତ କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଛି। ଜିଲ୍ଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି।




# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ/ମୁରିବାହାଲ/ତୁଷୁରା, ୧୩।୨(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ରାମଚନ୍ଦ୍ରପୁର, ବଡବନ୍ଧ ଓ କୁତୁର୍ଲା ପଞ୍ଚାୟତଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ରପୁର ସରପଞ୍ଚ ପଦ୍ମିନୀ ମିଶ୍ରଙ୍କ ସଭାପତିତ୍ୱରେ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ଭାବେ ବିଡିଓ କ୍ଷମାନିଧି ଭୋଇ, ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ଡୁମେରପିଟା ସରପଞ୍ଚ ବାସନ୍ତୀ ପଟେଲ, ସିଙ୍ଗାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ପିଇଓ ସୂର୍ଯ୍ୟମଣି ମେହେର ଧନ୍ୟବାଦ ଦେଇଥିଲେ। ସେହିପରି ବଡବନ୍ଧ ପଞ୍ଚାୟତରେ ସରପଞ୍ଚ ଜଗବନ୍ଧୁ ମେହେରଙ୍କ ସଭାପତିତ୍ୱରେ ଅତିଥି ଭାବେ ଅଧ୍ୟକ୍ଷ ଖମାରୀ, ସମିତିସଭ୍ୟା ସୁପ୍ରଭା ସିଂଦେଓ, ଜିପିଓ ସେନପତି ମଙ୍ଗରାଜ ପ୍ରମୁଖ ସରକାରଙ୍କ ଜନହିତକର ଯୋଜନାଗୁଡିକ ଉପରେ ଆଲୋକପାତ କରିଥିଲେ। ପରେ ଇଓ ଅରୁଣ ନାଗ ଧନ୍ୟବାଦ ଦେଇଥିଲେ। କୁତୁର୍ଲା ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆଠାରେ ସମାଜସେବୀ ଡମ୍ବରୁଧର ହରପାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ତେଜ ହରପାଲ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ହାତୀସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର, ଜରାସିଂହା ସରପଞ୍ଚ କୁଶମଣି ମେହେର, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁଶୀଲ ଚାନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଇଓ ଗୋପାଳଚନ୍ଦ୍ର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

### ବିରୋଧୀ-ଶାସକ ଦଳ ଟଣାଓଟରା

ଦେଓଗାଁ ବ୍ଲକ କୁତୁର୍ଲାରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ସରକାରଙ୍କ ବିପକ୍ଷରେ ଲୋକଙ୍କୁ କହିବାରୁ ତୁ ତୁ ମେମେ ପରିସ୍ଥିତି ସୃଷ୍ଟି ହୋଇଥିଲା। ମଞ୍ଚରେ ଉପସ୍ଥିତ ଥିବା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପାଲଟା ପ୍ରଶ୍ନକରି ସରକାରଙ୍କ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ବ୍ଲକ ଉପାଧ୍ୟକ୍ଷା ନିଜେ ବ୍ଲକର ଶିଶୁ ବିକାଶ କମିଟିର ଅଧ୍ୟକ୍ଷା ଅଛନ୍ତି, ଅଢେଇ ବର୍ଷ ଭିତରେ ସେ କେତୋଟି କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି ଓ ଯାଞ୍ଚ କରିଛନ୍ତି ବୋଲି ଶାସକ ଦଳର କର୍ମକର୍ତ୍ତା ପ୍ରଶ୍ନ କରିଥିଲେ। ପୂର୍ବରୁ ତାଙ୍କ ସରକାର ୪୫ ବର୍ଷ ଶାସନ ଭିତରେ କ'ଣ କରିଛି କହିପାରିବେ କି ବୋଲି ପାଲଟା ଅଭିଯୋଗ ଉଠାଇଥିବା ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଉଭୟଙ୍କ କଥା କଟାକଟିକୁ ନେଇ ଉପସ୍ଥିତ ଜନତାଙ୍କ ମଧ୍ୟରେ ଆଲୋଚନା ସରଗରମ ହୋଇଥିଲା। ସେହିପରି ବଡବନ୍ଧ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜାତିଆଣ ଆକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।



ମୁରିବାହାଲ ବ୍ଲକ ସଦର ମହକୁମାରର ଧନୁଯାତ୍ରା ପଡିଆଠାରେ






ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ସରପଞ୍ଚ ବିଶ୍ୱବିହାରୀ ଯୋଷୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ବିଜୁ ଜନତାଦଳ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ଆୟୁବ ଖାନ ମଲ୍ଟିସିଟି ହସ୍ପିଟାଲ ଅଧ୍ୟକ୍ଷ ଅମଜଦ ଖାନ, ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାନେତ୍ରୀ ଆରତୀ କର, ସମିତିସଭ୍ୟ ସନ୍ୟାସୀ ପୁଟେଲ, ଚକ୍ରଧର ହେର୍ଣ୍ଣା, ବିଜୁଜନତାଦଳ ବ୍ଲକ ସଭାପତି ମିନିକେତନ ପାତ୍ର, ଫାଲଗୁନି ହାତୀ, ପିଇଓ ପ୍ରକାଶ ପନିକା ମଞ୍ଚାସୀନ ଥିଲେ। ସ୍ୱୟଂସହାୟକ ମାଁମାନେ ହସ୍ତ ତିଆରି ଖାଦ୍ୟସାମଗ୍ରୀ ପ୍ରଦର୍ଶନୀ ଲଗାଇଥିଲେ। ଉଲ୍ଲେଖନୀୟ କାମ କରିଥିବା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମାନପତ୍ର ପ୍ରଦାନ ଓ ସମ୍ମାନିତ କରାଯାଇଥିଲା। ମୁରିବାହାଲ ଗ୍ରାମପଞ୍ଚାୟତ କର୍ମକର୍ତ୍ତା, ପଞ୍ଚାୟତ ମହାସଂଘର କର୍ମକର୍ତ୍ତା, ମୁରିବାହାଲ ଗ୍ରାମପଞ୍ଚାୟତ ସମସ୍ତ ସିଆରପି, ଏମବିକେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା ଫାଲଗୁନି ହାତୀ କରିଥିବା ବେଳେ ଯୋଗାଣ ସହାୟକ ଅଜନ୍ତୋଲା ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

ଗୁଡଭେଲା ବ୍ଲକର ଗମ୍ଭାରୀଗୁଡା, ଜାମୁଟ ଓ ଘୁନା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଳ ସମ୍ପଦ, ବାଣିଜ୍ୟ ତଥା ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିଲେ। ରାସନ୍ କାର୍ଡଧାରୀଙ୍କୁ ୨ଟି ଲେଖାଏ ବ୍ୟାଗ ବଣ୍ଟନ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ରାମନିବାସ ଅଗ୍ରୱାଲ, ବିଡିଓ ସୌମ୍ୟକାନ୍ତ ବାଙ୍ଗୋଲା, ଟିଟିଲାଗଡ ପର୍ଯ୍ୟବେକ୍ଷକ ଅଜୟ ନାୟକ, ଗୁଡଭେଲା ବ୍ଲକ ପର୍ଯ୍ୟବେକ୍ଷକ ଅନୀଲ ଜେନା, ଗମ୍ଭାରୀଗୁଡା, ଜାମୁଟ ଏବଂ ଘୁନା ସରପଞ୍ଚଙ୍କ ସହ ଗୌର ରଣା, ମନ୍ତ୍ରୀଙ୍କ ନୋମିନୀ ନିରୋଧ ନାଗ, ଯୁବନେତା ରାଜା ବଗର୍ତ୍ତି, ବିକାଶ ଶର୍ମା, ପପୁ ଜୟସ୍ୱାଲ, ରାମଶଙ୍କର ବାଗ, ମିଶନ ଶକ୍ତି ମା'ମାନେ ଏବଂ ବିଜେଡି କର୍ମୀ ଉପସ୍ଥିତ ଥିଲେ।






# ବିକାଶ ଦେଖି ବିରୋଧୀ ଛାନିଆଁ: ବଲାଙ୍ଗିର ବିଜେଡି

**ବଲାଙ୍ଗିର, ୧୩।୨(ସମିସ)**

ବଲାଙ୍ଗିର ବିଧାନସଭା ନିର୍ବାଚନମଣ୍ଡଳୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଧ୍ୟାନଦେଇ ଅନେକଗୁଡିଏ ବିକାଶମୂଳକ କାମ କରାଇଛନ୍ତି। ହେଲେ ବିରୋଧୀ ଏହାକୁ ସହି ନପାରି ନିଜେ ଶ୍ରେୟନେବାକୁ ଅପଚେଷ୍ଟା କରୁଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ଓ ପୌରାଧକ୍ଷା ଲିକା ସାହୁ ପ୍ରକାଶ କରିଛନ୍ତି। ଅନଙ୍ଗଉଦୟ ସିଂଦେଓ ବଲାଙ୍ଗିରର ବିଧାୟକ ତଥା ରାଜ୍ୟର ମନ୍ତ୍ରୀ ଥିବା ବେଳେ ୨୦୦୧ରେ ଲୋୟର ସୁକତେଲ ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ। ୨୦୦୯ରୁ ୨୦୧୯ ମସିହା ପର୍ଯ୍ୟନ୍ତ କଳିକେଶ ନାରାୟଣ ସିଂଦେଓ ସାଂସଦ ଥିବା ସମୟରେ ଦୁଇଥର ଲୋୟରସୁକତେଲ ପ୍ରକଳ୍ପର ଅଟକଳକୁ କେନ୍ଦ୍ରରୁ ଅନୁମୋଦନ କରାଇଥିଲେ। ୨୦୧୩ରେ ଅନେକ ବିରୋଧ ସତ୍ତ୍ୱେ ଯେତେବେଳେ କାମ ଆରମ୍ଭ କରାଗଲା। ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇ ବଲାଙ୍ଗିର ହସପିଟାଲରେ ମାତୃ ଓ ଶିଶୁ ହସପିଟାଲ ବିଲଡିଂ କରାଗଲା ସେତେବେଳେ ମଧ୍ୟ ନରସିଂହ ବାବୁ କୌଣସି ପଦରେ ନଥିଲେ। ବଲାଙ୍ଗିରରେ ସରକାରୀ ମେଡିକାଲ କଲେଜର ସ୍ୱପ୍ନ ମୁଖ୍ୟମନ୍ତ୍ରୀ ଦେଖାଇଥିଲେ। କଳିକେଶ ନାରାୟଣ ସିଂଦେଓ ସାଂସଦ ଓ ଅନଙ୍ଗଉଦୟ ସିଂଦେଓ ବିଧାୟକ ଥିବା ବେଳେ ୨୦୧୩ରେ ଏହାର କେନ୍ଦ୍ରୀୟ ଅନୁମୋଦନ ମିଳିଥିଲା। ମେଡିକାଲ କଲେଜ ନିର୍ମାଣ ହେବା ସମୟରେ ରାଜ୍ୟସଭା ସାଂସଦ ଥିବା ଅନଙ୍ଗଉଦୟ ସିଂଦେଓ ଏକ ଟିଚିଂ ହସ୍ପିଟାଲର ପ୍ରସ୍ତାବ ଦେଇଥିଲେ ଏବେ ଯାହା ସରିବାକୁ ଯାଉଛି। ଅନଙ୍ଗଉଦୟ ସିଂଦେଓ ନିଜେ ବ୍ୟକ୍ତିଗତ ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଭୁବନେଶ୍ୱରରେ ଏକ ବୈଠକ କରାଇ ତେଲନଦୀରୁ ପାନୀୟଜଳ ଆଣିବା ପାଇଁ ୬୦କୋଟି ଟଙ୍କାର ଅନୁଦାନ ମଞ୍ଜୁର କରାଇଥିଲେ। ଯାହାକି ବଲାଙ୍ଗିର ସହରରେ ଜଳସମସ୍ୟାକୁ ଅନେକ ପରିମାଣରେ ସମାଧାନ କରାଯାଇ ପାରିଛି। ବଲାଙ୍ଗିର ପିଆର ହାଇସ୍କୁଲ ପଡ଼ିଆରେ ହୋଇଥିବା ଇଣ୍ଡୋର ଷ୍ଟାଡିୟମ ମଧ୍ୟ କଳିକେଶ ନାରାୟଣ ସିଂଦେଓ ସାଂସଦ ଥିବା ବେଳେ କେନ୍ଦ୍ରର ଗେଲରୁ ଅନୁଦାନ ଆସିଥିଲା। ବାଇପାସ୍ ମଧ୍ୟ ୨୦୧୩ରେ କଳିକେଶ ନାରାୟଣ ସିଂଦେଓଙ୍କ ଉଦ୍ୟମରେ ସାଂସଦ ଥିଲାବେଳ ଅନୁମୋଦିତ ହୋଇଥିଲା। ଏକ ଉନ୍ନତ ବସଟର୍ମିନାଲ, ସ୍ମାର୍ଟପାର୍କ, ଦେଓଗାଁର ଭୀମପାହାଡ ପର୍ଯ୍ୟଟନସ୍ଥଳୀ ଇତ୍ୟାଦିକୁ ଦେଖିଲେ ବିରୋଧୀ ଛାନିଆଁ ହୋଇଯାଉଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମହିଳା ବିଜେଡି ସଭାପତି ଦମୟନ୍ତୀ ବାଗ, ଯୁବ ସଭାପତି ରାଜେନ୍ଦ୍ର ହୋତା, ଛାତ୍ର ସଭାପତି ସୁମନ ନନ୍ଦ, ବରିଷ୍ଠ ନେତା ପ୍ରଦ୍ୟୁତ ମିଶ୍ର ଓ ଲକ୍ଷ୍ମଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## କଂଗ୍ରେସର ପାଲଟା ଜବାବ

**ବଲାଙ୍ଗିର, ୧୩।୨(ସମିସ):** ୨୦୧୪ରୁ ୨୦୨୪ ମଧ୍ୟରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ବିଧାୟକ କାଳରେ ବଲାଙ୍ଗିରରେ ହୋଇଥିବା ଅଭୂତପୂର୍ବ ବିକାଶରେ ସ୍ଥାନୀୟ ସରକାରୀ ଦଳର ରାଜନେତା ଏତେ ଈର୍ଷାନ୍ୱିତ କାହିଁକି ବୋଲି ଆଜି ଏଆଇସିସି ସଦସ୍ୟ ତଥା ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ଯୁବନେତା ସମରେନ୍ଦ୍ର ମିଶ୍ର ପ୍ରଶ୍ନ କରିଛନ୍ତି। କାହାର ଦ୍ୱାରା ବିକାଶ ହୁଏ ଲୋକେ ଜାଣିଲେଣି ତେଣୁ ୨୦୧୪ ଏବଂ ୨୦୧୯ ନିର୍ବାଚନରେ ଲୋକେ ଏମାନଙ୍କୁ ଲୋକେ ବରଖାସ୍ତ କରିସାରିଛନ୍ତି। ୨୦୧୪ ପରବର୍ତ୍ତୀ ସମୟରେ ବଲାଙ୍ଗିରର କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ରୋଡ ରାସ୍ତା, ପର୍ଯ୍ୟଟନ, ଶିକ୍ଷା ଭିତ୍ତିଭୂମି ପ୍ରତ୍ୟେକ କ୍ଷେତ୍ରରେ ହୋଇଥିବା ବିକାଶକୁ ସ୍ଥାନୀୟ ରାଜପରିବାରର ନେତାମାନେ ସହ୍ୟ କରିପାରୁନାହାନ୍ତି ବୋଲି ସମରେନ୍ଦ୍ର ପାଲଟା ଜବାବ ଦେଇଛନ୍ତି।

## ଟ୍ରଲି ବ୍ୟାଗ୍‌ରେ ଗଞ୍ଜେଇ ଚାଲାଣ; ମାଫିଆ ଫେରାର୍

**ତୁଷୁରା, ୧୩।୨ (ସମିସ):** ତୁଷୁରା ରାସ୍ତାରେ ଏବେ ପ୍ରତ୍ୟେକ ଦିନ ଗଞ୍ଜେଇ ଚାଲାଣ ହେଉଛି। ଏଥର ଏକ ଟ୍ରଲି ବ୍ୟାଗରେ ମାଫିଆମାନେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଧାନଘରା ରାସ୍ତାରେ ତୁଷୁରା ପୁଲିସ ପାଟ୍ରୋଲିଙ୍ଗ କରୁଥିବାବେଳେ ଏକ ବାଇକ୍‌ରେ ଦୁଇ ଜଣ ବ୍ୟକ୍ତି ଏକ ଟ୍ରଲି ବ୍ୟାଗ ଧରି ଯାଉଥିଲେ। ଠିକ ଏହି ସମୟରେ ପୁଲିସ ଗାଡି ଦେଖି ମାଫିଆମାନେ ବ୍ୟାଗକୁ ରାସ୍ତାକଡରେ ପିଙ୍ଗି ଦେଇ ଫେରାର ମାରିଥିଲେ। ପରେ ବ୍ୟାଗ ଯାଞ୍ଚରୁ ଉକ୍ତ ବ୍ୟାଗରୁ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ପରେ ତୁଷୁରା ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ଓଜନ କରାଯାଇଥିଲା; ଯାହାକି ୧୦ କେଜି ଗଞ୍ଜେଇ ଥିବା ଜଣା ପଡିଥିଲା। ତୁଷୁରା ପୁଲିସ ଏକ ମାମଲା ରୁଜୁକରି ଗଞ୍ଜେଇ ସହ ମୋଟର ସାଇକଲକୁ ଜବତ କରିଛି। ଏଥିରେ ତୁଷୁରା ଥାନାଧିକାରୀ ସଂଜିବ ପ୍ରଧାନ, ଏସଆଇ ଭାନୁପ୍ରିୟା ମହାନ୍ତି, ଏଏସଆଇ ଅଲେଖ କନ୍ଧ, ଏଏସଆଇ ଯୁଗେଶ୍ୱର ଧରୁଆ, କନେଷ୍ଟବଳ ଦମୟନ୍ତୀ ଭୋଇ, ଓଏସଏପି ପଞ୍ଚାନନ ମଲ୍ଲିକ, ଉପେନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ।



## ଓଡ଼ିଆ, ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ଉଦ୍‌ଯାପନୀ

**କଣ୍ଟାବାଞ୍ଜି, ୧୩।୨(ସମିସ):** ମହିଳା ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓଡିଶା ଯୁବ ଓଡ଼ିଆ ଅନ୍ତର୍ଗତ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତିର ଉଦଯାପନୀ ସମାରୋହ ମହାବିଦ୍ୟାଳୟର ଅଧକ୍ଷ୍ୟ ରାଜେନ୍ଦ୍ର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ଅଞ୍ଚଳର ଜଣାଶୁଣା ବୁଦ୍ଧିଜୀବୀ ତଥା ପୂର୍ବତନ ଓଡିଶା ଶିକ୍ଷା ସେବାର କର୍ମଚାରୀ ରାମଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ବୃନ୍ଦାବନ ନାଗ ଯୋଗଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ଡ. ସୁଶାନ୍ତ ମହାନନ୍ଦ ମୁଖ୍ୟବକ୍ତା ଭାବେ ଛାତ୍ରୀମାନେ ନିଜ ମାତୃଭାଷାକୁ ସୁଦୃଢ଼ କରିବାକୁ ହେବ ବୋଲି କହିଥିଲେ। ଇଂରାଜୀ ଅଧ୍ୟାପକ ସୋମନାଥ ମେହେର ପରିଚାଳନା କରିଥିବା ବେଳେ ସଭାରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କୁ ଅର୍ଥନୀତି ଅଧ୍ୟାପିକା ସୁନନ୍ଦା ରଥ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ନୋଡାଲ ଅଫିସର ଯୁଧିଷ୍ଠିର ବେହେରା ଭାଷା ସାହିତ୍ୟ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ରାଜୀବ ମେହେର, ଡ. ନେପାଳ ସେଠୀ, ଅଧ୍ୟାପିକା ସୁନନ୍ଦା ରଥ, ଲିପନିତା ପଧାନ, ରଶ୍ମି ରମିତା ମେହେର, ନିରବତୀ ପଧାନ, ଖେଳଶିକ୍ଷକ ରଞ୍ଜୁ ବନଛୋର ଉପସ୍ଥିତ ଥିଲେ। ରାଜନୀତି ଅଧ୍ୟାପକ ଜିତେନ୍ଦ୍ର ସୁନା ଧନ୍ୟବାଦ ଦେଇଥିଲେ।



## ବିଶ୍ୱ ରେଡିଓ ଦିବସ ପାଳିତ

**ବଲାଙ୍ଗିର, ୧୩।୨ (ସମିସ):** ବଲାଙ୍ଗିର ଆକାଶ ବାଣୀ କେନ୍ଦ୍ରଠାରେ ବିଶ୍ୱ ରେଡିଓ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ଭବାନୀପାଟଣା କ୍ଲଷ୍ଟର ମୁଖ୍ୟ ଡେପୁଟି ଡାଇରେକ୍ଟର ଜେନେରାଲ ମଦନ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରେଡିଓ ଯାତ୍ରା ନାମରେ ଏକ ରେଡିଓ ପ୍ରଦର୍ଶନୀ ଆୟୋଜିତ କରାଯିବା ସହ ବିଶ୍ୱ ରେଡିଓ ଜନ୍ମଦିନ ପାଇଁ କେକ କାଟି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ମୁଖ୍ୟଅତିଥି। ବଲାଙ୍ଗିର କେନ୍ଦ୍ର ମୁଖ୍ୟ ମନୋଜ ପୂଜାରୀ ଓ ଯାନ୍ତ୍ରିକ ବିଭାଗର ମୁଖ୍ୟ ବିଜୟ ପୁରୋହିତ ମଧ୍ୟ ମଞ୍ଚାସୀନ ହୋଇଥିଲେ । ଯାନ୍ତ୍ରିକ ସହାୟକ ପ୍ରତାପଚନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ଅନ୍ୟ ଉଦଘୋଷକ ଉଦଘୋଷିକା, ପୁରାତନ ରେଡ଼ିଓ ଶ୍ରୋତା ନୀଲୁକୁମାର ଦାଶ, ପଙ୍କଜସାହୁ, ପ୍ରଦୀପ ନାଏକ, ଏଲ କ୍ରିଷ୍ଣା ରାଓ, ଶଶିକାନ୍ତ ସାହୁ ତାଙ୍କ ରେଡ଼ିଓ ସହ ସମ୍ପର୍କ ଓ ଅନୁଭୂତି ବର୍ଣ୍ଣନା କରିଥିଲେ।

## ଛାଡ଼ିଯାଇଥିବା ସୁନାଗହଣା ଫେରାଇଲା ରେଳବାଇ ପୁଲିସ

**ବଲାଙ୍ଗିର, ୧୩।୨(ସମିସ):** ରେଳଯାତ୍ରୀଙ୍କ ସୁନାଗହଣା ଫେରାଇଲା ରେଳବାଇ ପୁଲିସ। ହାୱଡାରୁ ରାଉରକେଲା ଅଭିମୁଖେ ଆସୁଥିବା ଦମ୍ପତି ଭୁଲରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଛାଡି ଦେଇଥିବାବେଳେ ପୁଲିସ ତାକୁ ଉଦ୍ଧାର କରି ସୁରକ୍ଷିତ ଭାବରେ ଫେରାଇଛି। ହାଓଡା ନିବାସୀ ଶ୍ରୀଶ୍ୟାମ ଓ ତାଙ୍କର ସ୍ତ୍ରୀ ଅଂଶୁ ଏକ ବାହାଘରକୁ ଗତ ସୋମବାର ରାଉରକେଲା ଆସିଥିଲେ। ହାୱଡାରୁ ଜଗଦଲପୁର ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ(୧୮୦୦୫)ର ଏ-ୱାନ କୋଚରେ ବସି ଯାତ୍ରା କରୁଥିଲେ। ସେମାନେ ରାଉରକେଲାରେ ଓହ୍ଲାଇବା ସମୟରେ ଅଜ୍ଞାତବଶତଃ ତାଙ୍କର ସୁନାଗହଣା ଭର୍ତ୍ତି ବ୍ୟାଗକୁ ସେଠାରେ ଛାଡିଦେଇଥିଲେ। ତେବେ ଟ୍ରେନଟି ବଲାଙ୍ଗିର ଜଙ୍କସନକୁ ପହଞ୍ଚିବା ସମୟରେ ରେଳବାଇ ପୁଲିସର ଜଣେ କର୍ମଚାରୀ ବ୍ୟାଗ ଦେଖିଥିଲେ। ତାକୁ ଉଦ୍ଧାର କରି ଥାନାରେ ଜଣାଇବା ପରେ ଯାତ୍ରୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରି ବଲାଙ୍ଗିର ରେଳବାଇ ପୁଲିସ ତାଙ୍କୁ ଫୋନ କରିଥିଲା। ଏତେବେଳ ପର୍ଯ୍ୟନ୍ତ ସେ ସୁନାଗହଣା ଛାଡିଥିବା କଥା ଜାଣି ନଥିଲେ। ପୁଲିସ ଠାରୁ ଖବର ପାଇବା ପରେ ସେମାନେ ସଙ୍ଗେସଙ୍ଗେ ବଲାଙ୍ଗିର ଆସି ସୁନାଗହଣା ପାଇଥିବା କହିଛନ୍ତି। ଉଦ୍ଧାର ସୁନାଗହଣାର ମୂଲ୍ୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ହେବବୋଲି କହିଛନ୍ତି। ସେମାନେ ବଲାଙ୍ଗିର ରେଳବାଇ ପୁଲିସକୁ ସହୃଦୟେ ଧନ୍ୟବାଦ ଦେବା ସହ ତାଙ୍କର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।



## ବସ ଭିତରେ ଗଲା ବୃଦ୍ଧାଙ୍କ ଜୀବନ

**ତୁରେକେଲା, ୧୩।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ବଙ୍ଗୋମୁଣ୍ଡା ଫାଟକ ନିକଟରେ ଏକ ବୃଦ୍ଧାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ବୃଦ୍ଧା ଜଣକ ବଙ୍ଗୋମୁଣ୍ଡା ଥାନା ମାଳପଡା ଗାଁର ଅନିତା ସାଗର(୧୦୦)। ତାଙ୍କ ପୁଅ ଆଶିଷଙ୍କ ସହ ବୃଦ୍ଧା ଚିନ୍ଦାଗୁଡାରୁ ରାୟପୁର ଯିବାକୁ ବସ ଯୋଗେ କଣ୍ଟାବାଞ୍ଜି ଷ୍ଟେସନ ଆସୁଥିଲେ। ମଙ୍ଗଳବାର ବୃଦ୍ଧା ବସରେ ଆସୁଥିବା ସମୟରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପୁଅ ଆଶିଷ ସାଗର ଖଡ଼ିଆଳ ଥାନା ଚିନ୍ଦାଗୁଡା ଗାଁରେ ବିବାହ କରିଥିବା ବେଳେ ପୁଅ ବୋହୂଙ୍କ ସହ ବୃଦ୍ଧା ଚିନ୍ଦାଗୁଡା ଗାଁରେ ରହୁଥିଲେ।

## ମହରାପଦର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧୩।୨(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ମହରାପଦର ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁମତି ପଧାନ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୂପେ ବ୍ଲକ୍ ଅଧକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ରୂପେ ବ୍ଲକ୍ ଉପାଧକ୍ଷ ସୁଖ୍‌ରାମ୍ ସାଣ୍ଡ, ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରଧର ବରିହା, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ଚଙ୍ଗରିଆ ସରପଞ୍ଚ ସୁଶୀଲ ଗୁରୁ, ଯୁବନେତା ପବିତ୍ର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗ ତରଫରୁ ସଫଳ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଦଳ ନାଚ ଗୀତ ପରିବେଷଣ କରିଥିବା ବେଳେ ନାଚ ଗୀତ ରେ ଦୁଲୁକିଥିଲା ମଞ୍ଚ। ଏସ ଏଚ ଜି ମହିଳାଙ୍କ ଦ୍ୱାରା ଭଳିକି ଭଳି ପିଠା ପ୍ରଦର୍ଶିତ ହୋଇଥିବା ବେଳେ ଭଲ ପିଠା ପ୍ରସ୍ତୁତ କରିଥିବା ଦଳକୁ ଟ୍ରଫି ସହ ନଗଦ ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ମିଶନ ଶକ୍ତି ବ୍ଲକ୍ ସଭାନେତ୍ରୀ କଲ୍ୟାଣୀ ଦୀପ ସରକାରଙ୍କ ସହାୟତାରେ ଦୁବାଇ ଯାଇ ଫେରିଥିବା ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍ ବିକେ, ସିଆରପି, କୃଷି, ଉଦ୍ୟାନ, ଜଙ୍ଗଲ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ତପିନ୍ଦ୍ର ସୁନା ପରିଚାଳନା କରିଥିବା ବେଳେ ଜିଆର୍ ଏସ ସରୋଜ ଭୋଇ ଧନ୍ୟବାଦ ଦେଇଥିଲେ।

■ ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ

## 'ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ଶେଷ କର'

**ସମ୍ବଲପୁର, ୧୩।୨(ସମିସ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୋନପୁର ଏବଂ ବୌଦ୍ଧ ମଧ୍ୟରେ ଚାଲୁଥିବା ରେଳ ଲାଇନ ପ୍ରକଳ୍ପର ନିର୍ମାଣାଧୀନ ରେଳ ଲାଇନ ସେକ୍ସନକୁ ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କ ସହିତ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ନିରୀକ୍ଷଣ ସମୟରେ ଶ୍ରୀ ଶର୍ମା ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ରେଳ ଲାଇନ ଉଭୟ ପଶ୍ଚିମ ଓ ଉପକୂଳ ଓଡ଼ିଶାକୁ ସଂଯୋଗ କରିବା ସହିତ ଦୁର୍ଗମ ଅଞ୍ଚଳ ଜିଲ୍ଲାଗୁଡିକୁ ମଧ୍ୟ ସେବା ଯୋଗାଇବ। ଏହି ପ୍ରକଳ୍ପର ମୋଟ ଦୈର୍ଘ୍ୟ ୩୦୧ କିମି ମଧ୍ୟରୁ ଏପର୍ଯ୍ୟନ୍ତ ମୋଟ ୧୫୨.୮୦୫ କିମି ରେଳ ଲାଇନ କାର୍ଯ୍ୟ ସମ୍ପାଦନ ହୋଇସାରିଛି ଏବଂ ଏହା ରେଳ ସେବା ଦ୍ୱାରା ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରାଯାଇଅଛି। ଏହି ପ୍ରକଳ୍ପ ଶୀଘ୍ର ଶେଷ ହେବା ପାଇଁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀରରୁ ଏହି ଲାଇନ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଜାରି ରଖିଛି। ଖୋର୍ଦ୍ଧା ରୋଡ଼ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିମି ଏବଂ ବାଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିମି କାର୍ଯ୍ୟ ସମାପ୍ତ ହୋଇସାରିଛି। ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିମି ଦୈର୍ଘ୍ୟ ନୂତନ ରେଳପଥର କାର୍ଯ୍ୟ ଦ୍ରୁତଗତିରେ ଚାଲୁରହିଥିବା ବେଳେ ଆସନ୍ତା ଦୁଇମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ସମୟ ଧାର୍ଯ୍ୟ ରଖାଯାଇଅଛି। ଅବଶିଷ୍ଟ ରେଳପଥ ନିର୍ମାଣ କାର୍ଯ୍ୟ ଅର୍ଥାତ୍ ଦଶପଲ୍ଲା ଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ୭୫ କିଲୋମିଟରର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଆଶା କରାଯାଉଛି।



### ସୋନପୁର-ବୌଦ୍ଧ ରେଳ ସେକ୍ସନ ନିରୀକ୍ଷଣ

■ ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

## ନାବାଳକର କାରନାମାରେ ପୁଲିସ ଚକିତ

**ଭବାନୀପାଟଣା, ୧୩।୨ (ସମିସ):** ଭବାନୀପାଟଣା ଟାଉନ ଥାନା ପୁଲିସକୁ ଏକ ଲୁଟ୍ ଘଟଣାର ୧୭ ଦିନ ପରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ତା' ଘର ଗଞ୍ଜାମ ଜିଲ୍ଲା ଆସ୍କାରେ; ମାତ୍ର ତା ୧୭ ବର୍ଷ ହୋଇଥିବାରୁ ପୁଲିସ ନାଁ ପ୍ରକାଶ କରିନାହିଁ। ତା' ନିକଟରୁ ଲୁଟ୍ ହୋଇଥିବା ୫ ଲକ୍ଷ ଟଙ୍କା ସହ ଏକ ବାଇକ୍ ଜବତ ହୋଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ଏହି ସୂଚନା ଦେଇଛି।

ସ୍ଥାନୀୟ ରାଧାକୃଷ୍ଣ ନଗରର ଅନନ୍ତ ପାତ୍ର ଗତ ୨୪ ତାରିଖରେ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ୫ଲକ୍ଷ ୫୦ହଜାର ଟଙ୍କା ଜମା କରିବାକୁ ଯାଇଥିଲେ; କିନ୍ତୁ କାଉଣ୍ଟରରେ ପ୍ରବଳ ଭିଡ ଦେଖି ଘରକୁ ଫେରିଥିଲେ। ସେ ଘର ନିକଟରେ ପହଞ୍ଚି ଭିତରକୁ ପଶିବା ପୂର୍ବରୁ ଅଭିଯୁକ୍ତ ତାଙ୍କ ହାତରୁ ଟଙ୍କା ବ୍ୟାଗ ଛଡାଇ ନେଇ ବାଇକ୍‌ରେ ଚମ୍ପଟ ମାରିଥିଲା। ଏହି ସମୟରେ ଗେଟ୍ ପାଖରେ ଅନ୍ୟ ଜଣେ ଯୁବକ ଥିଲା। ତେବେ ଅନନ୍ତ ନିଜ ବାଇକରେ ସେମାନଙ୍କୁ ପିଛା କରିଥିଲେ ସୁଦ୍ଧା ଧରିବାରେ ସଫଳ ହୋଇ ନ ଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ଯଶୋବନ୍ତ ହିଆଲ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ଲୁଟର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଖ ଘରେ ଲାଗିଥିବା ସିସି କ୍ୟାମେରାକୁ ଆଧାର କରି ପୁଲିସ ବିଭିନ୍ନ ଅଞ୍ଚଳ ଛାନ ଭିନ କରି ଶେଷରେ ଛତିଶଗଡ଼ ଅଞ୍ଚଳର ଭୀମଖୋଜ ଗାଁରେ ପହଞ୍ଚି ଅଭିଯୁକ୍ତକୁ ଧରିଛି।







### ବାଇକ୍ ଜବତ, ୫ଲକ୍ଷ ଟଙ୍କା ଉଦ୍ଧାର

## ଭଦ୍ରା ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତା

**ସଇନ୍ତଲା, ୧୩।୨(ସମିସ):** ସଇଁତଲା ବ୍ଲକ ଭଦ୍ରା ପଞ୍ଚାୟତର ନୂଆବସ୍ତି ଖେଳପଡିଆଠାରେ ଜୟ ଜଗନ୍ନାଥ ଯୁବ ସଂଘ ପକ୍ଷରୁ ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁକୁନ୍ଦପୁର (ତାଳବନ୍ଧ) ଓ ଡୁଙ୍ଗୁରିପାଲି ଦଳ ମଧ୍ୟରେ ତାଳବନ୍ଧ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଡିଓ ବିନୟ ଭୋଇ, ବ୍ଲକ ଉପାଧ୍ୟକ୍ଷ ଗୁଣସାର ମା+ଝୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ଯାନୀ ଯୋଗଦାନ କରିଥିଲେ। କମିଟି ସଦସ୍ୟ ପ୍ରକାଶ ଭୋଇ, ଅମିତ ଭୋଇ, ଚକାମନ ଭୋଇ, ମୁକୁନ୍ଦ ମାଝୀ, ମହନ ପଧାନ, ରାଜେଶ ମାଝୀ, କାର୍ତ୍ତିକ ଭୋଇ, ମଦନ ପଧାନଙ୍କ ସମେତ ଭଦ୍ରା ପଞ୍ଚାୟତର ଯୁବ ଗୋଷ୍ଠୀ ସହଯୋଗ କରିଥିଲେ।



'ନୂଆ-ଓ' ରାଜ୍ୟସ୍ତରୀୟ କ୍ରିକେଟ୍

## ମହିଳା ବିଭାଗରେ ବଲାଙ୍ଗିର ଚାମ୍ପିଅନ

**ଭୁବନେଶ୍ୱର, ୧୩।୨ (ସମିସ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ପୁରୀର ନବନିର୍ମିତ ଶ୍ରୀ ଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଚାଲିଥିବା 'ନୂଆ-ଓ' ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ କେନ୍ଦ୍ରାପଡ଼ା ଓ ମହିଳା ବିଭାଗରେ ବଲାଙ୍ଗିର ଚାମ୍ପିଅନ ହୋଇଛନ୍ତି। ସେହିଭଳି ମହିଳା ବିଭାଗରେ ବଲାଙ୍ଗିର ଓ ନବରଙ୍ଗପୁର ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଏଥିରେ ବଲାଙ୍ଗିର ଟାଇଟଲ୍ ବାଜିମାତ୍ କରିନେଇଥିଲା। ସୁନ୍ଦରଗଡ଼ ଓ କୋରାପୁଟ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଥିଲେ। ଚାମ୍ପିଅନ ଦଳର ଅନନ୍ୟା ମିଶ୍ର ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରତି ବିଭାଗର ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୨ ଲକ୍ଷ ଓ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳକୁ ୫୦ ହଜାର ଟଙ୍କା ଲେଖାଏ ଏବଂ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ଦିଆଯାଇଥିଲା।



# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା, ୧୩।୨(ସମିସ):** ସ୍ଥାନୀୟ କୁଲିଆବନ୍ଧା ଗ୍ରାମରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ନାଗରିକ ଲୋହିତ ଶବରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶ୍ରେଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ନୂଆପଡ଼ାର ହେମସାଗର ମହାନନ୍ଦ ଏବଂ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାରପ୍ରାପ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଲିଆବନ୍ଧାର ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଶବର, ଲିଲାବାଇ ଶବର, ସମୀର ବେହେରା, ନାନ୍ତା ମାଝୀ, ଗୁଣସାଗର ଭୋଇ, ରବିଶଙ୍କର ଭୋଇ, କିଶୋର ପରିଡ଼ା ଓ ଛବିଳ ନିଆଲ ପ୍ରମୁଖଙ୍କୁ ଗ୍ରାମବାସୀ, ପଞ୍ଚାୟତିରାଜ ପ୍ରତିନିଧି, ଭଦ୍ରବ୍ୟକ୍ତି ଏବଂ ମସାନକୁଣ୍ଡା ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ଓ ଚୈତ୍ ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ହିରାଲଛଲ ପଟେଲ, ସନ୍ତରାମ ପାଣ୍ଡେ, ଦେଓସିଂ ପଟେଲ, ସେବକ ରାମ ପଟେଲ, ସଂକୀର୍ତ୍ତନ ଶବର, ଥାନସିଂ ଠାକୁର, ଖେଦୁ ରାମ କେଉଟ, ଡାକେଶ୍ୱର ଶବର, ରାମଖିଲାସ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ। ମଶାନକୁଣ୍ଡା ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀଙ୍କ କଳାହାଣ୍ଡି ଗସ୍ତ

**ଭବାନୀପାଟଣା, ୧୩।୨(ସମିସ):** ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ ତଥା କେନ୍ଦ୍ର ସରକାରଙ୍କ ଜାତୀୟ ନିଯୁକ୍ତି ସଂସ୍ଥାର ସଚିବ ସଞ୍ଜୀବ ମିଶ୍ର କଳାହାଣ୍ଡି ଗସ୍ତରେ ଆସିଛନ୍ତି। ସେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଦୁଇ ଦିନ ଧରି ଗସ୍ତ କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ଆକାଂକ୍ଷୀ ଜିଲ୍ଲାର ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଜିଲାପାଳ ପି ଅନ୍ୱେଷା ରେଡ୍ଡୀ, ମଧୁଛନ୍ଦା ସାହୁ, ଧୀମନ୍ ଚକମା, ଶୁଚେତା ପାଣି ପ୍ରମୁଖ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ସେ ଥୁଆମୁଳ ରାମପୁର ଅଞ୍ଚଳର ମା ଗୃହ, ବାଇକ୍ ଆମ୍ବୁଲାନ୍ସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ବାଲିସରା ଟେରାକୋଟା କାମ, କାନିଗୁମା କଫି ବଗିଚା, ଗୋପାଳପୁର ଏସଏସଡି ବାଳିକା ବିଦ୍ୟାଳୟ, ମିଶନ ଶକ୍ତି କ୍ୟାଫେ, ମା ମାଣିକେଶ୍ୱରୀ ମନ୍ଦିର, ହେଲୋ ପଏଣ୍ଟ, ସାନଛତ୍ରଙ୍ଗର କେଜ କଲ୍‌ଚର, କଲମପୁର ବ୍ଲକରେ ବଙ୍କାପଲାର ଅଙ୍ଗନ୍‌ବାଡି କେନ୍ଦ୍ର, ଛତୁଚାଷ, କଦଳିତୁଆଁ ଓ ଶାଗବାରିର ହାଇବ୍ରିଡ ଟମାଟୋ ଓ କଦଳୀ ଚାଷ, ଧନପୁର ଅଚ୍ୟୁତାନନ୍ଦ ୫-ଟି ହାଇସ୍କୁଲ, ବନ୍ଧକନା ଡାକ୍ତରଖାନା, ସୁକନ୍ୟା ମିଶନ ଶକ୍ତି କାଫେ ଆଦି ପରିଦର୍ଶନ କରିଥିଲେ।



## ଗାଁ ବିକାଶର ବାର୍ତ୍ତା ବଖାଣୁଛି ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା' ସଚେତନତା ଶିବିର

# 'ନବୀନ ଓଡ଼ିଶା'ରେ ଶିଖର ଛୁଇଁବ ଗାଁର ବିକାଶ






**କୋକସରା, ୧୩।୨(ସମିସ)**

'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଦ୍ୱାରା ଲୋକେ ଅଧିକରୁ ଅଧିକ ମାତ୍ରାରେ ସଚେତନ ହୋଇ ପାରୁଛନ୍ତି। ଜନ ସାଧାରଣ ସଚେତନ ହେଲେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ହୋଇପାରିବ ଆଉ ନବୀନ ଓଡ଼ିଶାରେ ଗାଁର ବିକାଶ ଶିଖର ଛୁଇଁପାରିବ। ମହିମା ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିରରେ ଏହି ମତ ପ୍ରକାଶ ପାଇଛି।

ମହିମା ପଞ୍ଚାୟତ ଡେଙ୍ଗାଗୁଡାରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ଈଶରାମ କୋଲଥିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡ଼ି ସଭାପତି ମାନସ ରଞ୍ଜନ ବାଗ ମୁଖ୍ୟ ଅତିଥି, ଆମ୍ବା ଆଧ୍ୟକ୍ଷ ରତୁରାଜ ମାଝୀ, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ପିପି ସିଂ, ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ସମିତି ସଭ୍ୟ ଘନଶ୍ୟାମ ନାଏକ, କେତୁରାମ ପାତ୍ର, ସୁଶୀଲ ଅଗ୍ରୱାଲ, ଜୟସିଂ ମାଝୀ, ପୂର୍ବତନ ସମିତି ସଭ୍ୟ ଗୋବିନ୍ଦ ନାଏକ, ପୂର୍ବତନ ନାଏବ ସରପଞ୍ଚ ସୁଶୀଲ ଚନ୍ଦ୍ର ମାଝୀ, ନାଏବ ସରପଞ୍ଚ ସୁମତି ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଏଲ୍.ଇ.ଡି ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ବିଭାଗ ତରଫରୁ ଲୋକଙ୍କୁ ସଚେତନ କରିବା ପାଇଁ ଷ୍ଟଲ ଖୋଲା ଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଡ଼ପୋଡ଼ାଗୁଡ଼ାର ଲଗିନ୍ ସାଂସ୍କୃତିକ ଅନୁଷ୍ଠାନ, କଳାହାଣ୍ଡିର ଲୋକନୃତ୍ୟ ଘୁମୁରା, ଘୁଡୁକା ନାଚ ସମେତ ଅନେକ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଶରତ ନାଏକ ଓ



ଶଶିଭୂଷଣ ମାଝୀ ମଞ୍ଚ ସଞ୍ଚାଳନ କରିଥିଲେ। ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓମ୍ ଜଗଦୀଶ୍ୱର ଜାନି, ଛାତ୍ର ବିଜେଡ଼ି କୋକସରା ବ୍ଲକ ସମ୍ପାଦକ ଦୀନକୃଷ୍ଣ କୋଲଥିଆ, ୱାର୍ଡସଭ୍ୟ ଭୁବନେଶ୍ୱର ନାଏକ, ବାଲ୍ମୀକି ଧଙ୍ଗଡାମାଝୀ, ଦୈତାରି ମାଝୀ, ଦକ୍ଷସୂତା ନାଏକ, ରାମସିଂ ମାଝୀ, ଭୂମିସୂତା ମାଝୀ, ଅହଲ୍ୟା ଭରତିଆ, ପ୍ରଶନ୍ନ ବାଣୁଆ, ଗୀତା ଭରତିଆ, ହରିହର ବାଗ, ଦୁର୍ଗା ଦିସାରି, ଡାଳିମ୍ବ ମୁଲକିଆ, ଦୁର୍ଗା ନାଏକ ସମେତ ପଞ୍ଚାୟତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ଥୁଆମୂଳ ରାମପୁର:** ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଡେପଦର ସରପଞ୍ଚ ସୁନ୍ଦରୀ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ ଏବଂ ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ପାଡେପଦର ପଞ୍ଚାୟତର ସମିତି ସଭ୍ୟ ମୋହନ ସାଗର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବେହେରା, ମହେଶ୍ୱର ସାଗର, ଯୁବନେତା ସୁଜାନ ନାଏକ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବଖାଣି ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାରଙ୍କ ପ୍ରତ୍ୟେକଟି ଯୋଜନା ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ ମଧ୍ୟ। ଏଥିପାଇଁ ରାଜ୍ୟ ସରକାରଙ୍କୁ ବିଶେଷ ବିଶେଷ ଧନ୍ୟବାଦ ଦେଇ ମୁଖ୍ୟବକ୍ତା ମୋହନ ସାଗର ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ କାର୍ଯ୍ୟକ୍ରମର। ଜନପ୍ରତିନିଧି ଏବଂ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁଁ ପଞ୍ଚାୟତରେ ଯୋଜନା ଗୁଡ଼ିକ ଠିକ ପରିଚାଳନା ହେଉ ନ ଥିବା ସେ ଅଭିଯୋଗ ଆଣିଥିଲେ। ସରକାରଙ୍କ ପ୍ରତ୍ୟେକ ଯୋଜନାରେ ସାଧାରଣ ଲୋକଙ୍କ ଅଧିକାର ଏବଂ ଦାୟିତ୍ୱ ରହିଛି। ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ନ ହେଲେ ଯୋଜନାରେ ଲୋକେ ଉପକୃତ ହେବା ବଦଳରେ ଅବହେଳିତ ହୋଇ ରହିଯିବେ। ନିଜ ଅଧିକାର ପାଇଁ ଲଢେଇ କରିବାକୁ ପଡ଼ିବ ତେବେ ଯାଇ ଅଞ୍ଚଳର ସମୂହ ବିକାଶ ସମ୍ଭବ ହେଇପାରିବ ବୋଲି ସମିତି ସଭ୍ୟ ଶ୍ରୀ ସାଗର ନିଜ ଅଭିଭାଷଣରେ ପ୍ରଶାସନକୁ ମଧ୍ୟ ତାଗିଦ କରିଥିଲେ। ଏହି ଅବସରରେ ପଞ୍ଚାୟତର ଆଦର୍ଶ ଶିକ୍ଷକ ଭାବେ କିଶୋର ନାଏକ, ଉତ୍ତମ ସାମ୍ବାଦିକ ଭାବେ ସଲମନ ନାଏକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପଞ୍ଚାୟତର ଆଦର୍ଶ ଅଙ୍ଗନବାଡି, ଆଶା କର୍ମୀ, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ତ୍ରିଲୋଚନ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶଙ୍କର ନାଏକ ପରିଚାଳନା କରିଥିଲେ।

**କେସିଙ୍ଗା:** କେସିଙ୍ଗା ବ୍ଲକ ଲଇତରା ପଞ୍ଚାୟତରେ ସଚେଚତନତା ରଥ ଗାଁ ବିକାଶର ବାର୍ତ୍ତା ଦେଇଛି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଅତିରିକ୍ତ ବିଡିଓ ସିଦ୍ଧେଶ୍ୱର ମେହେର, ଲମ୍ବୋଦର ଶିଖା, ସ୍ଥାନୀୟ ସରପଞ୍ଚ ଅଶୋକ ପୋଡ, ସମିତି ସଭ୍ୟ ଥବୀର ଗୌଡ, ଗୀତାଞ୍ଜଳି ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

**ଗଣ୍ଡାବାହାଲି:** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କିରକିଟା ଓ ସୁନାରୀ ସିକୁଆଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା ଭଳି ଅନେକ ଜନହିତକର ଯୋଜନା ଉପରେ ଗାଁ ଗାଁରେ ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାପାଣି, କିରକିଟା, ଖୁର୍ଦ୍ଦ ସିକୁଆଁ, ସୁନାରୀ ସିକୁଆଁ, କ୍ରସରପଡ଼ା, ତୁଳସୀପଡ଼ା, ଖଲିଆଭଟା ଗ୍ରାମରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମିଶନ ଶକ୍ତି ସଭାପତି ରମଣୀ ଦାସ, ଏମବିକେ ଯଶୋବନ୍ତି ସାଗର, ସିଆରପି ପୁଷ୍ପାଞ୍ଜଳୀ ବୈଠାରୁ, ଇସି ମେମ୍ବର ପ୍ରଣୟନୀ ଦାସ, କ୍ଷୀର ମଣି ମେହେର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ମହିଳା ଗୋଷ୍ଠୀ, ବିଜେଡି କର୍ମୀ ନବଘନ ଦାସ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।



# ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ନର୍ଲା, ୧୩।୨(ସମିସ):** ଶରିଆଁ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ତପିମଣି ଜାନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ପ୍ରଧାନ ଶିକ୍ଷକ ଟଙ୍କଧର ସାହା ସଭାପତିତ୍ୱ କରିଥିଲେ। ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁରାମ ଭୋଇ, ନର୍ଲା ଶିକ୍ଷକ ସଂଘର ସମ୍ପାଦକ ଅମିତ ଶର୍ମା, ସିଆରସିସି ସୁଧୀର ଧଙ୍ଗଡ଼ାମାଝୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ସେଠୀ ସଭା ପରିଚାଳନା କରିଥଲେ। ଗୋକୁଳ ସାହୁ, ହିମାଦ୍ରି ଭୋଇ, ସାଧୁରାମ କରୁଆଁ, କାଜଲ ପ୍ରିୟଦର୍ଶିନୀ, ଭଗବାନ ମାଝୀ, ପ୍ରମୋଦ ସାହୁ, ଦିଲୀପ ପଧାନ, ଶୁକଦେବ ସାହା, ହିମାଂଶୁ ସାହୁ, ଚନ୍ଦ୍ରମଣି ନାଗ, ସାଗରିକା ରାଉତ, ପ୍ରତାପ କିଶୋର ରଣା, ଲକ୍ଷ୍ମୀଧର ସାହୁ, ଦୁର୍ଗାମାଧବ ତ୍ରିପାଠୀ, ଗୋପାଳ ଚନ୍ଦ୍ର ଭୋଇ, ହେମନ୍ତ ସାହୁ, ପ୍ରଫୁଲ୍ଲ ରାଉତ, ଶରତ ଚନ୍ଦ୍ର ଭୋଇ, ରାଜେଶ୍ୱରୀ ଗୁପ୍ତା, ଦୟାନିଧି ପଧାନ, କିଶୋର ଚନ୍ଦ୍ର ତ୍ରିପାଠୀ, ବଳଭଦ୍ର ହରିଜନ, ବାସୁଦେବ ବାଗ, ବିଜୟା ଭାରତୀ ମହାରଣା, ବାବୁ ପାଢ଼ୀ, ସୁଧୀର ରାଉତ, କୃତାଞ୍ଜଳି ସାହୁ, ଧର୍ମେନ୍ଦ୍ର ମାଝୀ, ଲମ୍ବୋଦର ବେହେରା, ସୁରୁବାନୀ ଶବର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସେହିପରି ଶାନ୍ତପୁର କ୍ଲଷ୍ଟରରେ ସିଆରସିସି ସୁଜିତ ପଣ୍ଡା, ବଲବସପୁର କ୍ଲଷ୍ଟରରେ ସିଆରସିସି ଜଗଦୀଶ ପ୍ରସାଦ ସାହୁ ଓ ପରବାଙ୍ଗୀ କ୍ଲଷ୍ଟରରେ ସିଆରସିସି ନବୀନ ଗଉଡ଼ଙ୍କ ନେତୃତ୍ୱରେ ଶ୍ରୀ ଜାନୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।



**ପ୍ରଶାସନର ନିର୍ବାଚନ ପ୍ରସ୍ତୁତି**

# ବିଡିଓଙ୍କ ସମ୍ବେଦନଶୀଳ ଅଞ୍ଚଳ ଗସ୍ତ

**କୋକସରା/ଲଡୁଗାଁ/ଆମପାଣି, ୧୩।୨(ସମିସ):** କୋକସରା ବିଡିଓ ସ୍ନେହପ୍ରଭା ମାଝି ପଞ୍ଚାୟତର କୁଟୁରୁ ଏବଂ ବିରିମୁହାଣ ଗାଁର ସମ୍ବେଦନଶୀଳ ବୁଥ୍ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ଏବଂ ବିରିମୁହାଣ ଜଙ୍ଗଲ କମିଟି ପୁନଃ ଗଠନ ପାଇଁ ହୋଇ ଆସୁଥିବା ଅଭିଯୋଗର ତଦନ୍ତ ମଧ୍ୟ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା, କନିଷ୍ଠ ଯନ୍ତ୍ରୀ ଅମ୍ବିକା ମାଝୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗିରିଶଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



# ମଡର୍ଣ୍ଣ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ

**ଜୁନାଗଡ଼, ୧୩।୨(ସମିସ):** ବଜାରପଡ଼ାସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ମହମ୍ମଦ ୟୁସୁଫ ଆବାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସନ୍ତୋଷ ସିଂହଦେଓ, ଶିକ୍ଷାବିତ୍ ଈଶ୍ୱର ପୂଜାରୀ, ଜୁନାଗଡ଼ ଏନଏସି ଉପାଧ୍ୟକ୍ଷା ହିମାଦ୍ରି ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ଭେଙ୍କେଟେଶ୍ୱରୀ ସାହୁ ସ୍ୱାଗତ ଭାଷଣ ଓ ମୁମତାଜ୍ ଆବାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରତିଭା ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିତେନ୍ଦ୍ର ମେହେର ଓ କୁମାରୀ ବେହେରା ସହଯୋଗ କରିଥିଲେ।

# ଗାଁରେ ପହଞ୍ଚିଲା ଶବ

**ସିନାପାଲି, ୧୩।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ଖଇରପଦର ପଞ୍ଚାୟତ ଫୁଲଚି ଗ୍ରାମର ରହେମନ ଚିନ୍ଦା (୨୫)ଙ୍କ ମୃତଦେହ ଗାଁରେ ପହଞ୍ଚିଛି। ଗତ ମାସରେ ସେ ଦାଦନ ଖଟିବାକୁ ଗାଁର ସାଙ୍ଗମାନଙ୍କ ସହ ପୁନେ ସହରକୁ ଯାଇଥିଲେ। ସେଠାରେ ଏକ ଘର ନିର୍ମାଣ ସଂସ୍ଥାରେ କାମ କରୁଥିବା ବେଳେ ଅସୁସ୍ଥ ହୋଇ ପଡ଼ିଥିଲେ। ସେଠାରେ ସ୍ଥାନୀୟ ନିର୍ମାଣକାରୀ ସଂସ୍ଥା କର୍ମଚାରୀମାନେ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ଗାଁରେ ଆସି ଶବ ପହଞ୍ଚିବା ପରେ ଅନ୍ତିମ ସତ୍କାର କରାଯାଇଛି।



# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ନୂଆପଡ଼ା, ୧୩।୨(ସମିସ):** ନୂଆପଡ଼ା ଜିଲ୍ଲା ଲଖନା ଥାନା ଦଳଦଲିର ଅଶୋକ ବାଗ (୪୫)ଙ୍କ ମୃତ ଦେହ ଉଦ୍ଧାର ହୋଇଛି। ଗତ ଶୁକ୍ରବାର ସେ କୁରୁମପୁରୀ ଗାଁକୁ ବୁଲିବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ ଲଖନା ଥାନାରେ ଅଭିଯୋଗ କରିଥିଲେ। ଶେଷରେ କୁରୁମପୁରୀ ୩୫୩ ନଂ ଜାତୀୟ ରାଜପଥ ଇଲେକ୍ଟ୍ରି ଷ୍ଟ୍ରକଚର ନିକଟରୁ ତାଙ୍କ ମୃତଦେହ ମିଳିଛି। ଏକ ବୁଦାମୂଳରୁ ମୃତଦେହ ମିଳିବା ସହ ପାଖରୁ ତାଙ୍କ ବାଇକ୍ ମଧ୍ୟ ଜବତ ହୋଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ତଦନ୍ତ କରୁଛି। ତେବେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଘର ଲୋକେ ଅଭିଯୋଗ କରିଛନ୍ତି।

# ଦୁଇ ଟ୍ରକ୍ ମଧ୍ୟରେ ଧକ୍କା

**କେସିଙ୍ଗା, ୧୩।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣା ଘଟିଛି। ସୋମବାର ରାତିରେ ପେଟ୍ରୋଲ ପମ୍ପ ପାଖ ରାସ୍ତା କଡ଼ରେ ଏକ ଟ୍ରକ୍ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଛିଡା ହୋଇଥିଲାବେଳେ ଭବାନୀପାଟଣା ପଟୁ ଆସୁଥିବା ଏକ ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ କେସିଙ୍ଗା ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକକୁ ଉଦ୍ଧାର କରିଥିଲା। ଏଥିରେ କାହାରି କିଛି କ୍ଷତି ହୋଇନାହିଁ।

# ମାତୃପିତୃ ପୂଜନ ଦିବସ




**ଜୟପାଟଣା, ୧୩।୨(ସମିସ):** ଜୟପାଟଣା ଅଶାରାମଜୀ ଆଶ୍ରମ ପକ୍ଷରୁ ସ୍କୁଲ, କଲେଜଠାରୁ ଆରମ୍ଭ କରି ବିଭିନ୍ନ ଗାଁ ଗାଁରେ ପ୍ରାୟ ୬୦ରୁ ଅଧିକ ସ୍ଥାନରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଲୋକେ ସେମାନଙ୍କ ବାପା, ମା'ଙ୍କୁ ପୂଜାର୍ଚ୍ଚନା କରିଛନ୍ତି।

# ସାନ୍ଦୁଲ୍ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

**ମ.ରାମପୁର, ୧୩।୨(ସମିସ):** ସାନ୍ଦୁଲ୍ ଜଳ ସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଭିଡିଓ କଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାନ୍ଦୁଲ ବ୍ୟାରେଜ ଉଦ୍‌ଘାଟନ କରିଛନ୍ତି। ଏହାସହ ୧୭୦ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଭୂତଳ କେନାଲର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂହ, ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପି ଅନ୍ୱେଷା ରେଡି, ମଦନପୁର ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରାଥମିକ କୃଷି ସମବାୟ ସମିତିର ବନ୍ଧୁମିଳନ

**କେସିଙ୍ଗା/ଗାଇଗାଁ, ୧୩।୨(ସମିସ):** ମହଗାଁ ସୁନାମୁଖୀ ଶାନ୍ତିବନରେ ଗୋକୁଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କୃଷି ସମବାୟ ସମିତିର ସଭାପତି ତଥା କୁଣ୍ଡାବନ୍ଧ ସମିତି ସଭ୍ୟ ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଞ୍ଚଳର ଚାଷୀମାନେ କିଭଳି ଠିକ୍ ସୁବିଧା ପାଇ ପାରିବେ ବୋଲି ଆଲୋକପାତ କରାଯାଇଥିଲା। ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, ଗୋକୁଳେଶ୍ୱର ସରପଞ୍ଚ କେଶୁଲାଲ ତାଣ୍ଡି, ଗାଇଗାଁ ସରପଞ୍ଚ ପ୍ରମୋଦ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଶରୀ ଶବର, ମୋହନ ଶବର, ସମିତିର ନିର୍ବାହୀ ଅଧିକାରୀ ମୁକୁନ୍ଦ ଶବର ପ୍ରମୁଖ ସହଯୋଗ କରିଥିଲେ।



# ରାଧାକୃଷ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସେମିରେ ମାଣ୍ଡୋସିଲ



**ନୂଆପଡ଼ା/ଖଡ଼ିଆଳ, ୧୩।୨(ସମିସ)**

ଖଡିଆଳ ପୁଟୁପଡ଼ା ଖେଳ ପଡ଼ିଆରେ ରାଧାକୃଷ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।

ମାଣ୍ଡୋସିଲ ଓ ଅନକାପୁର ମଧ୍ୟରେ ଅନୁଷ୍ଠିତ ଖେଳରେ ମାଣ୍ଡୋସିଲ ବିଜୟୀ ହୋଇ ପ୍ରଥମ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ନୂଆପଡ଼ା ଜିଲ୍ଲା ଯାଦବ ମହିଳା ମହାସଭାର ସଭାନେତ୍ରୀ ଓ ଖଡିଆଳ ସ୍ୱୟଂ ଶକ୍ତି ମହିଳା ମହାସଂଘର ସଭାନେତ୍ରୀ ମମତା ମଞ୍ଜରୀ ଥପା, କାଉନସିଲର ବିନତୀ ହଂସ, ଦୟା ଥପା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୌରଭ ନାଗ, ମନୋଜ ଶବର, ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉତ୍ସବ

**ସିନାପାଲି, ୧୩।୨(ସମିସ):** ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରବୀନ୍ଦ୍ରନାଥ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ବସନ୍ତ ପଣ୍ଡା, ଶିକ୍ଷା ବିକାଶ ସମିତିର ସମ୍ପାଦକ ରୁଦ୍ରମାଧବ ବାରିକ, ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲଳିତ ସୁନାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରମେଶ ହଂସ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଗଜେନ୍ଦ୍ର ପଟେଲ ବନ୍ଦନା ଓ ଶିଶୁ ଭଉଣୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବାମଦେବ ଦାଶ ବିବରଣୀ ପଠନ କରିଥିଲେ। ଏହି ଅବସରରେ ରଜତ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ବଂଶୀଧର ଜଗତ ପରିଚାଳନା କରିଥିଲେ। ଦୀପକ ସା ଏକକ କଣ୍ଠ ସଙ୍ଗୀତ ଗାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଷ୍ଣୁଶରଣ ହୋତା ପରିଚାଳନା କରିଥିଲେ।



# ବ୍ଲକ ଉପାଧ୍ୟକ୍ଷଙ୍କ ହରଭଙ୍ଗା ପଞ୍ଚାୟତ ପରିଦର୍ଶନ

**ହରଭଙ୍ଗା, ୧୩।୨(ସମିସ):** ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ ହରଭଙ୍ଗା ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ପଞ୍ଚାୟତର ସବୁ ଉନ୍ନୟନ କାର୍ଯ୍ୟଗୁଡିକ ତଦାରଖ କରିବା ସହ 'ମୋ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ଆଦେଶ୍ୱର ଶିବ ମନ୍ଦିର ବୁଲି ଦେଖିବା ସହ କାର୍ଯ୍ୟର ତଦାରଖ କରିଥିଲେ। ଗ୍ରାମ୍ୟ କମିଟି ସହ ମନ୍ଦିର ବାବଦରେ ଆଲୋଚନା କରିଥିଲେ। ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ କହିଥିଲେ। ମୋ ଓଡ଼ିଶା ନବୀନ ଓଡ଼ିଶା ଅନୁଦାନରେ ଯଦି ମନ୍ଦିର ସମ୍ପୂର୍ଣ୍ଣ ହୋଇ ନ ପାରିଲା ତା ହେଲେ ଆଉ କିଛି ଅନୁଦାନ ବ୍ଲକ ତରଫରୁ ଯୋଗେଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମିତିସଭ୍ୟ ଚିତ୍ତରଞ୍ଜନ ସେଠୀ, ଗ୍ରାମ୍ୟ କମିଟିର ବିଜୟନନ୍ଦ ସାହୁ, ଚତୃଭୁଜ ଖଟୁଆ, ପ୍ରାଣବନ୍ଧୁ ସାହୁ, ହରେନ ଲାଲ ପ୍ରମୁଖ ଉପସ୍ଥିତ ଥିଲେ।



# ୧୧ହଜାର ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ

**ଶଗଡ଼ା, ୧୩।୨(ସମିସ):** ଘଣ୍ଟାପଡ଼ା ପୁଲିସ ନାରାୟଣ ପ୍ରସାଦ ପଞ୍ଚାୟତ ଅଧୀନ ନାଦେନ୍ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରି ବେଆଇନ ଭାବରେ ଚାଷ ହୋଇଥିବା ୧୧ ହଜାର ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛି। ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୧କୋଟି ଟଙ୍କାରୁ ଅଧିକ ହେବ। ଏ ସଂକ୍ରାନ୍ତରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।



# ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଧାରଣା




**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀଙ୍କ କ୍ୟାଡର ପୁନର୍ବିନ୍ୟାସ, ୪୨୦୦ ଟଙ୍କାକୁ ଗ୍ରେଡ୍ ପେ ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା କୃଷି କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ସୂଚନା ମିଳିଛି। ସଂଘର ସଭାପତି ଶୁଭାଶିଷ ଶତପଥୀ, ଉପସଭାପତି ସୁନୀତା ମେହେର, ସମ୍ପାଦକ ଦେବଦତ୍ତ ମହାପାତ୍ର ଓ ସାଧାରଣ ସମ୍ପାଦକ ଛାୟକାନ୍ତ କୁମ୍ଭାରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଧାରଣା ଦାବି ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଭାପତି ଶ୍ରୀ ଶତପଥୀ ସୂଚନା ଦେଇଛନ୍ତି।

# ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମର୍ଯ୍ୟାଦାପୁର ରାମଲୀଳା ମଣ୍ଡପରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସାସ୍ୱତି ମିଶ୍ର ଅଧ୍ୟକ୍ଷତା କରିଥିଲେ। ସହକାରୀ ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ ଏବଂ ମର୍ଯ୍ୟାଦାପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତର ଶ୍ରମିକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

# ବିକାଶ ନକ୍ସା ଆଙ୍କୁଛି 'ଆମ ଓଡ଼ିଶା ନବୀନ ଓଡ଼ିଶା'

**ସୁବଳୟା, ୧୩।୨(ସମିସ)**

ଗ୍ରାମାଞ୍ଚଳ ଭିତ୍ତିଭୂମି ପ୍ରୟାସ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟଗୁଡ଼ିକ ଉପରେ ପଞ୍ଚାୟତର ଜନସାଧାରଣଙ୍କୁ ସଚେତନତା ଏବଂ ଲୋକାଭିମୁଖୀ ଲକ୍ଷ୍ୟ ନେଇ ୫-ଟି ଯୋଜନା ମାଧ୍ୟମରେ ରୂପାନ୍ତରିତ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ବିକାଶର ନକ୍ସା ଆଙ୍କୁଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସୁବଳୟାଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ନାରାୟଣ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଆମ୍ବା ଅଧ୍ୟକ୍ଷ ବିବୁସ୍ୱତି ପଣ୍ଡା, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ସ୍ଥାନୀୟ ସମିତି ସଭ୍ୟା ଲିଲି ମେହର, କମିରା ସରପଞ୍ଚ ଅନୁସୟା ପଧାନ, ଅତିରିକ୍ତ ବିଡିଓ ପୁରୁଷୋତ୍ତମ ଧାରୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଯଥା 'ଆମ ଓଡ଼ିଶା ନବୀନ ଓଡ଼ିଶା', ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, କାଳିଆ ଯୋଜନା ଭଳି ଅନେକ ଜନହିତକର ଯୋଜନା ଦ୍ୱାରା ଗ୍ରାମାଞ୍ଚଳ ଭିତ୍ତିଭୂମି ସୁଦୃଢ ହେବାକୁ ଯାଉଛି ବୋଲି ଉପାଧ୍ୟକ୍ଷ ଶ୍ରୀ ଲୁହା ମତ ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ପଞ୍ଚାୟତର ବିକାଶ ନେଇ ପୁସ୍ତକ ବଣ୍ଟନ କରାଯାଇଥିଲା। 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ପଞ୍ଚାୟତର ୧୩ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଅନୁଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨୧୮୪ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ, ୫୬୯ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ୨୧୭୮ ପରିବାରକୁ ରାସନ କାର୍ଡ, ୩୬ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ୬୯ ଲକ୍ଷ ଟଙ୍କା ଋଣ ପ୍ରଦାନ, ୧୧୦୭ ଜଣ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ସାମିଲ, ୩୦୭ ଜଣ ଗର୍ଭବତୀଙ୍କୁ ମମତା ଯୋଜନାରେ ସାମିଲ ହୋଇଥିବା ନେଇ ବିକାଶ ପୁସ୍ତକରେ ଉଲ୍ଲେଖ ରହିଛି। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ସାମ୍ବାଦିକ ରାଜେଶ ସେଠୀ, ସୁଦାମ ମେହେର ଓ ସୁମନ୍ତ ବନଝୁରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏମବିକେ ବବିତା ରାଣୀ ମହାପାତ୍ର, ମିଶନଶକ୍ତି ପଞ୍ଚାୟତ ସଭାପତି ମିରା ବାରିକ ଓ ଜନସାଧାରଣ ଉପସ୍ଥିତ ଥିଲେ।



ପ୍ରମାଣ ଦେଲା ପଞ୍ଚାୟତ ପୁସ୍ତକ

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶବର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନତୀ ଦେଓ, ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ଝାଙ୍କର, ନାଏବ୍ ସରପଞ୍ଚ ସୁମନ୍ତ ନାଏକ, ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର କରାଯାଇଥିଲା। ତତସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା କଳାକାର, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରା ଯାଇଥିଲା

# ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପିତ

**ମନମୁଣ୍ଡା, ୧୩।୨(ସମିସ):** ମନମୁଣ୍ଡା ପଞ୍ଚାୟତ ନୂର୍ପା ଶ୍ରୀ ବ୍ରଜେଶ୍ୱର ବାବା ଶିବ ମନ୍ଦିରରେ ୭ ଦିନ ଧରି ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ମହାପୁରାଣ ସପ୍ତାହ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଜ୍ୟୋତିରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରି କରିଥିଲେ। କର୍ତ୍ତା ଭାବେ ମୁରଲୀଧର ମଲ୍ଲିକ ଓ ତାଙ୍କ ପତ୍ନୀ ମାଧବୀ ମଲ୍ଲିକ ଦାୟିତ୍ୱ ତୁଲାଇଥିଲେ। ସୁରମଣୀ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ବିଭୀଷଣ ମଲ୍ଲିକ, ସତ୍ୟନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଡୁଙ୍ଗୁରିପାଲି, ୧୩।୨(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ୪ଦିନ ଧରି ଚାଲିଥିବା ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁ, ଭାଗବତ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସରୋଜ ଦାଶ ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ସାଙ୍ଗକୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଅଧ୍ୟାପକ ଲକ୍ଷ୍ମଣ ଭୁଏ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପକ ଶ୍ୟାମସୁନ୍ଦର ସୁନା ଧନ୍ୟବାଦ ଅର୍ପଣ କରିଥିଲେ।



# ବାରଣ୍ଡାରେ ପରୀକ୍ଷା ଦେଲେ ଯୁକ୍ତ ୩ ଛାତ୍ରଛାତ୍ରୀ

**ବୌଦ୍ଧ, ୧୩।୨(ସମିସ):** କଲେଜ ବାରଣ୍ଡାରେ ସେମିଷ୍ଟାର ପରୀକ୍ଷା ଦେଲେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରଛାତ୍ରୀ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଇଭିଏମ ଷ୍ଟ୍ରଙ୍ଗରୁମ ହେବାକୁ ଥିବାବେଳେ ଜିଲ୍ଲା ପ୍ରଶାସନ ଆଗୁଆ ଭାବେ କଲେଜର କେତେକ ହଲକୁ ନିଜ ଅଧୀନକୁ ନେଇ ସାରିଛି। ଏହା ଫଳରେ ସ୍ଥାନାଭାବ ଯୋଗୁଁ ଛାତ୍ରଛାତ୍ରୀ ବାରଣ୍ଡାରେ ପରୀକ୍ଷା ଦେଉଛନ୍ତି। ଫେବୃଆରୀ ୧୩ ତାରିଖରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ସେମିଷ୍ଟାର ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏଭଳି ଅବ୍ୟବସ୍ଥା ଦେଖା ଦେଇଛି। ଏଭଳି ସ୍ଥିତିରେ ମଙ୍ଗଳବାର କଲେଜ ବାରଣ୍ଡାରେ ବସି ୩୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏପରିକି କିଛି ପରୀକ୍ଷାର୍ଥୀଙ୍କ ଦେହରେ ଖରା ପଡୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ବୌଦ୍ଧ ଉପ ଜିଲ୍ଲାପାଳ ତଥା ଇଲେକ୍ସନ ରିଟର୍ନିଙ୍ଗ ଅଫିସର ରବୀନ୍ଦ୍ରନାଥ କହଁର ଏହାକୁ କଲେଜର ଅନ୍ତରୀଣ ସମସ୍ୟା ବୋଲି ପ୍ରସଙ୍ଗ ଏଡେଇ ଯାଇଛନ୍ତି। ତେବେ ଆସନ୍ତା ୧୬ ତାରିଖରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ପ୍ରାୟ ୬୦୦ ପରୀକ୍ଷାର୍ଥୀ ଏହି କଲେଜରେ ପରୀକ୍ଷା ଦେବେ। ଏଭଳି ସ୍ଥିତିରେ ପରୀକ୍ଷା ପରିଚାଳନା ପାଇଁ ଆହୁରି ଅସୁବିଧା ସୃଷ୍ଟି ହେବ ବୋଲି କଲେଜ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି।

# ଉପାନ୍ତ ଅଞ୍ଚଳରେ ପୁଲିସର ଜନମୈତ୍ରୀ ଶିବିର

**ଚାରିଛକ, ୧୩।୨(ସମିସ):** ହରଭଙ୍ଗା ବ୍ଲକର ଦୁର୍ଗମ ତଳଗାଁ ପଞ୍ଚାୟତରେ ପୁଲିସ ପକ୍ଷରୁ ଜନମୈତ୍ରୀ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଓବାଦୀମାନଙ୍କ ସହ ସମ୍ପର୍କ ନ ରଖି ତାଙ୍କ ଗତିବିଧି ଉପରେ ସନ୍ଦେହ ଆସିଲେ ସାଙ୍ଗେ ସାଙ୍ଗେ ଜଣାଇବାକୁ ପୁଲିସ କହିଛି। ଏହି ଅବସରରେ ସ୍ଥାନୀୟ ଯୁବକଙ୍କୁ ନେଇ ମଧ୍ୟରେ ଏକ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚମ୍ପିଅନ ଦଳକୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। କ୍ରିକେଟ ସାରଞ୍ଜାମ ସହିତ ଲୋକଙ୍କୁ କମଳ, ପିଲାଙ୍କୁ ବହିଖାତା, ବ୍ୟାଗ ଆଦି ବଣ୍ଟନ କରାଯାଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏ.ମିଞ୍ଜ, ଆର ଆଇ କୁଳମଣୀ ଗିରି, ସର୍ଜେଣ୍ଟ ଦୁଷ୍ମନ୍ତ ସାହୁ, ହରଭଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ନଳିନୀକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।



# ମାଟ୍ରିକ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ, ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ଶିବିର

**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ସର୍ବ ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆସନ୍ତା ମାଟ୍ରିକ ପରୀକ୍ଷା କେନ୍ଦ୍ରର ସୁପରିଚାଳନା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୟନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହେବାକୁ ଥିବା ସମସ୍ତ ହାଇସ୍କୁଲର କେନ୍ଦ୍ର ଅଧୀକ୍ଷକ, ପ୍ରଧାନ ଶିକ୍ଷକ ଓ ପର୍ଯ୍ୟବେକ୍ଷକମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ।



## ସର୍ବଭାରତୀୟ ରାମଧୂନ୍ କପ୍ ଫୁଟବଲ

# ସେମିରେ ଭୁବନେଶ୍ୱର ଜଗା ୟୁନାଇଟେଡ୍

**ସୋନପୁର, ୧୩।୨(ସମିସ):** ୧୫ତମ ଅଲ ଇଣ୍ଡିଆ ରାମଧୂନ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଭୁବନେଶ୍ୱର ଜଗା ୟୁନାଇଟେଡ଼ ଏବଂ କଲିକତା ବେଲଘରିଆ ଆଥଲେଟିକ କ୍ଲବ୍ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। କଲିକତା ବେଲଘରିଆ ଆଥଲେଟିକ ଦଳକୁ ୨-୦ ଗୋଲରେ ଭୁବନେଶ୍ୱର ଜଗା ୟୁନାଇଟେଡ଼ କ୍ଲବ ହରାଇ ସେମିକୁ ପ୍ରବେଶ କରିଛି। ମ୍ୟାନ ଅଫ ଦି ମ୍ୟାଚ ଭାବେ ଭୁବନେଶ୍ୱର ଦଳର ଅବିନାଶ ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଯୁବ ସଂଗଠକ ନିଶାନ୍ତ ମହାନ୍ତି, ସୁବ୍ରତ ସେଠୀ, ଟ୍ରାକ୍ଟର ସଂଘ ସଭାପତି ଶିବ ନାରାୟଣ ବହିଦାର, ସମ୍ପାଦକ କୋଶଳେଶ୍ୱର ବହିଦାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ଜଗା ୟୁନାଇଟେଡ ପ୍ରାୟୋଜକ ନାଇସେଟ୍ ସଂସ୍ଥାର ରମଣ ପଧାନ, କଲିକତା ଟିମ୍ ପ୍ରଯୋଜକ ବଗଳା ୱେଲର୍ସର ରୂପେଷ ଅଗ୍ରୱାଲ, ମହାନଦୀ ଧାରା ନିର୍ଦ୍ଦେଶକ ପ୍ଲାବନ ମହାପାତ୍ର, ଜ୍ୟୋତି ମୋଟର୍ସର ପ୍ରମୋଦ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ରେଫରି ଭାବେ ଦିଲ୍ଲୀପ ରାଉତ ଖେଳ ପରିଚାଳନା କରିଥିଲେ। ପିଇଟି ସଲୀଳ ବେହେରା, ଶୁଭାଶିଷ ବେହେରା, ସଞ୍ଜୀବ ସାହୁ ସହଯୋଗ କରିଥିଲେ। କ୍ଲବ୍ ସମ୍ପାଦକ ପୀୟୂଷ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ।



# କୃଷକ ସଂଘ ବୈଠକ

**ଶଗଡ଼ା, ୧୩।୨ (ସମିସ):** କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ କମ୍ପାନୀ (କୁମରକେଲି) ତରଫରୁ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଯାଇଛି। ଏଥିରେ ଜୟକୃଷ୍ଣ ପ୍ରଧାନ, ସବ୍ୟସାଚି କର୍ଣ୍ଣ ଯୋଗ ଦେଇଥିଲେ। ଚାଷୀ କିଭଳି ଲାଭବାନ ହେବେ, ବିଭିନ୍ନ ପ୍ରକାରର ଚାଷ ମାଧ୍ୟମରେ ଅଧିକ ଉତ୍ପାଦନ କରି ବିକ୍ରି କରିବେ, ବିହନଠାରୁ ବଜାର ପର୍ଯ୍ୟନ୍ତ ଠିକ୍ ସୁବିଧା ପାଇପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ନିମିତ୍ତ ପ୍ରସ୍ତୁତି ବୈଠକ

**ସୋନପୁର, ୧୩।୨(ସମିସ):** ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ଉତ୍ସବ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସମେତ ଜିଲ୍ଲା ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ସୋନପୁର ରାମେଶ୍ୱର ଷ୍ଟାଡିୟମରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେବେ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ପ୍ରତିଭା ନିମନ୍ତେ ଛାତ୍ରଛାତ୍ରୀ, ବିଦ୍ୟାଳୟ, ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଶ୍ରେଷ୍ଠ ଶିକ୍ଷା ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯିବ।



# କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କୁଷ୍ଠ ନିରାକରଣ ୟୁନିଟ୍ ତରଫରୁ ଯୁବ ରେଡକ୍ରସର ମିଳିତ ସହଯୋଗରେ କୁଷ୍ଠ ରୋଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା କୁଷ୍ଠ ନିରାକରଣ ଅଧିକାରୀ ଡା. ବି କେ ଆର ସି ଦେଓ ହେମ୍ବ୍ରମ ଯୋଗ ଦେଇଥିଲେ। କୁଷ୍ଠ ରୋଗକୁ ଲୁଚାଇବା ଫଳରେ ଏହା ବୌଦ୍ଧ ଜିଲ୍ଲାରେ ବହୁ ପରିମାଣରେ ଦେଖାଯାଉଛି ବୋଲି ସେ କହିଥିଲେ। ଔଷଧ ସେବନ କଲେ ଏହି ରୋଗ ସମ୍ପୂର୍ଣ୍ଣ ଭଲ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା କୁଷ୍ଠ ରୋଗ ପରାମର୍ଶଦାତା ଡ. ଅମରେନ୍ଦ୍ର ମହାପାତ୍ର ଯୋଗଦେଇ କୁଷ୍ଠ ରୋଗର କାରଣ ଓ ନିରାକରଣ ଉପରେ ବିସ୍ତୃତ ଆଲୋଚନା କରି ଅକର୍ମଣ୍ୟ କୁଷ୍ଠ ରୋଗୀଙ୍କୁ କେବେହେଲେ ଘୃଣା କରିବା ଉଚିତ ନୁହେଁ ବୋଲି କହିଥିଲେ। ସେମାନଙ୍କ ସହ ରହିଲେ ଖାଇଲେ ମଧ୍ୟ ଏହି ରୋଗ ସଂକ୍ରମଣ ହୁଏ ନାହିଁ; କାରଣ ସେମାନଙ୍କ ପାଖରେ ରୋଗ ଜୀବାଣୁ ନ ଥାଏ ବୋଲି କହିଥିଲେ। ଯୁବ ରେଡକ୍ରସ ସମ୍ପାଦକ ଅଧ୍ୟାପକ ଡ. ପ୍ରବୀର ଦାସ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ବିଜେତାମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ସମସ୍ତ ଛାତ୍ରଛାତ୍ରୀ କୁଷ୍ଠ ରୋଗୀମାନଙ୍କୁ ବାଛ ବିଚାର ନ କରିବାକୁ ଶପଥ ପାଠ କରିଥିଲେ। ସ୍ୱାସ୍ଥ୍ୟ କର୍ମୀ ମୃତ୍ୟୁଞ୍ଜୟ ଭୂଜବଳ ଧନ୍ୟବାଦ ଅର୍ପଣ କରିଥିଲେ।




## ଅଲଇଣ୍ଡିଆ ଫୁଟବଲ ପଞ୍ଚମ ଦିବସ

# ଫାଇନାଲ ପୁରୁଷରେ ସମ୍ବଲପୁର, ମହିଳାରେ ଦେବଗଡ଼

**କଣ୍ଟାମାଳ, ୧୩।୨(ସମିସ)**

କଣ୍ଟାମାଳ ଆଥଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ କଲେଜ ଖେଳ ପଡ଼ିଆରେ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ପଞ୍ଚମ ଦିବସରେ ଉଭୟ ପୁରୁଷ ଓ ମହିଳା ଦଳ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ପ୍ରଥମ ଖେଳ ସମ୍ବଲପୁର ଓ ବଲାଙ୍ଗୀର (ପୁରୁଷ) ଦଳ ମଧ୍ୟରେ ଖୁବ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପରେ ଟ୍ରାଇବେକର ଜରିଆରେ ସମ୍ବଲପୁର ଦଳ ବଲାଙ୍ଗୀରକୁ ୫-୪ ଗୋଲରେ ହରାଇ ଫାଇନାଲକୁ ପ୍ରବେଶ କରିଛି। ସେହିପରି ମହିଳା ମ୍ୟାଚରେ ମନୋରମା କ୍ଲବ ଦେବଗଡ଼ ଓ ବୀରମହାରାଜପୁର ଦଳ ମଧ୍ୟରେ ହୋଇଥିଲା। ଏଥିରେ ଦେବଗଡ଼ ଦଳ ୧-୦ ଗୋଲରେ ବୀରମହାରାଜପୁରକୁ ହରାଇ ଫାଇନାଲକୁ ଯାଇଛି। ଖେଳରେ ଅତିଥିଭାବେ ବିଜେଡି ରାଜ୍ୟ ଉପସଭାପତି ସୁଧିର ମହାକୁଡ଼, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ଅବସରପ୍ରାପ୍ତ ଖେଳ ନିରୀକ୍ଷକ ବୀରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ମନୋଜ ଶର୍ମା ଓ ସୁଦାମ ମିଶ୍ର ଖେଳର ଧାରା ବିବରଣୀ ଦେଇଥିଲେ। ଅଭିଲାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ସଦାଶିବ ମହାନନ୍ଦ ଓ ସୁଜିତ ଖଟୁଆ ମ୍ୟାଚ ରେଫରୀ ଭାବେ କାର୍ଯ୍ୟ କରିଥିଲେ। ଅବସରପ୍ରାପ୍ତ ଖେଳ ପ୍ରଶିକ୍ଷକ ବୀରେନ୍ଦ୍ର ସାହୁ ମ୍ୟାଚ କମିଶନର ଭାବେ ସହଯୋଗ କରିଥିଲେ। ବୁଧବାର ମନୋରମା କ୍ଲବ ଦେବଗଡ଼ ଓ ଟିଟିଲାଗଡ଼ ମହିଳା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

